ଖଣ୍ଡ ୨ ସଂଖ୍ୟା ୧ ଅକ୍ଟୋବର – ଡ଼ିସେମ୍ବର ୨୦୦୩

ଆଇ ଏସ୍ ଏସ୍ ଏନ : ୧୬୮୫ – ୪୦୧୨

# STREAM

## ସାପୋଟ୍ ଟୁ ରିଜିଓନାଲ୍ ଏକୁଏଟିକ୍ ରିସୋର୍ସେସ୍ ମେନେଜମେଣ୍ଟ

# ଷ୍ଟ୍ରୀମ୍ ପତ୍ରିକା

**ମତ୍ସ୍ୟଜିବି ଏବଂ କୃଷକ ମାନଙ୍କର ଜିବୀକା ବିଷୟରେ ଜାଣିବା ଏବଂ ଯୋଗାଯୋଗ କରିବା**

ଷ୍ଟ୍ରୀମ୍ ଇନିସିଏଟିଭ୍‌କୁ ସାହାଯ୍ୟ କରେ ଅସ୍ ଏଆଇଡ଼ି, ଡ଼ି.ଏଫ୍ ଆଇଡ଼ି, ଏଫ୍ ଏଓ ନାକା, ଭି.ଏସ୍‌ଓ.

ଷ୍ଟ୍ରୀମ୍ ଇନିସିଏଟିଭ୍ ଦ୍ୱାରା ପ୍ରକାଶିତ, ନେଟ୍‌ୱାର୍କ ଅଫ୍ ଆକ୍ୱାକଲ୍‌ଚର୍ ସେଣ୍ଟର୍ସ ଇନ୍ ଏସିଆ ପେସିଫିକ୍, ସୁରାସ୍ୱାଦି ବିଲ୍‌ଡ଼ିଙ୍ଗ, ମତ୍ସ୍ୟଚାଷ ବିଭାଗ, କାସେଟ୍‌ସାର୍ଟ କ୍ୟାମ୍ପସ୍ ଲେଡ଼ିଆଓ, ଜାଟୁଜାକ୍, ବ୍ୟାଙ୍କକକ୍, ଥାଇଲାଣ୍ଡ ।

ପ୍ରତିଲେଖା (ସୀ) ନାକା ଷ୍ଟ୍ରୀମ୍ ଇନିସିଏଟିଭ ୨୦୦୩ ।

ଶିକ୍ଷା ଏବଂ ଅନ୍ୟ ଅଣ–ବ୍ୟବସାୟିକ ଯୋଜନା ପାଇଁ ଏହି ପ୍ରକାଶନର ପୁନଃ ଉତ୍ପାଦନ ହୋଇପାରିବ କେବଳ ଅଧିକାର ପ୍ରାପ୍ତ ପ୍ରକାଶକର ପୂର୍ଣ୍ଣ ସ୍ୱୀକୃତି ଥିଲେ ।

ଏହି ପ୍ରକାଶନର ପୁନଃ ଉତ୍ପାଦନ, ବିକ୍ରୀ କିମ୍ବା ଅନ୍ୟ ବ୍ୟବସାୟୀକ ଉଦ୍ଦେଶ୍ୟ କରିବା ପାଇଁ ମନା, ଯଦି ଅଧିକାର ପ୍ରାପ୍ତ ପ୍ରକାଶକର ସ୍ୱୀକୃତି ନଥାଏ ।

ଷ୍ଟ୍ରୀମ୍ ଜର୍‌ନାଲରୁ ଏକ ଉଦାହରଣ ନିଆଗଲା ।

ସୋନ୍‌ତୋଷ୍ ଆର୍ ୨୦୦୨, ପରସ୍ପର ପାଖରୁ ବିବାଦ ବିଷୟରେ ଶିକ୍ଷା କରିବା ଷ୍ଟ୍ରୀମ୍ ଜରନାଲ ୧(୧), ୧–୨

# ସୂଚି ପତ୍ର


ନେପାଳର ପୋଖାରାରେ ପୋଡ଼ି ସଂପ୍ରଦାୟ ମଧ୍ୟରେ ମତ୍ସ୍ୟଚାଷ ମାଧ୍ୟମରେ ଉନ୍ନତ ଜିବିକା ୧
ଡ଼େକ୍ ବାହାଦୁର ଗୁରୁଙ୍ଗ ଏବଂ ଜୟ ଦେବ ବିଷ୍ଟା –

ଭିଏତନାମର ଖାନ୍ ହାଓ ପ୍ରଦେଶରେ ଜିବିକା ଉପାର୍ଜନ ପାଇଁ ନାରୀ ମାନଙ୍କର ସମୁଦ୍ର ଉପକୁଳବର୍ତ୍ତୀ ସଂପଦର ପରିଚାଳନାରେ ଯୋଗଦାନ ୩
ନୁଇଏନ୍ ଥୁ ହୁଇ, ଥାନ୍ ଥି ହିଏନ୍, ଫାମ୍ ଥି ଫୁଙ୍ଗ୍ ହୋଆ, ନୁଇଏନ୍ ଭିଏତ୍ ଭିନ୍ ଏବଂ ଡ଼ାଅ ଭିଏତ୍ ଲଂଗ୍

ଇଣ୍ଡନେସିଆରେ ଲୋକ ମାନଙ୍କର ଉପକୂଳବର୍ତ୍ତୀ ସଂପଦର ପରିଚାଳନାରେ ଉଦ୍ୟମ ଓ ପାରମ୍ପରିକ କ୍ରିୟାକୁ ସାହାଯ୍ୟ ପ୍ରଦାନ୍ ୫
ତାବିଥା ୟୁଲିଟା

ଅନୁସରଣ ଏବଂ ମୂଲ୍ୟାଙ୍କଣ ପଦ୍ଧତିରେ ସଂପ୍ରଦାୟୀ ମାଛ ଚାଷ ପାଇଁ ଯୋଜନା ୭
ହେଇଦାର୍ ଏୟାରଲି ଏବଂ ହାଇକୋ ମିଲିସ୍

ସୁଚନା ସଂଗ୍ରହ ପର୍ଯବେକ୍ଷଣ ଦ୍ୱାରା ଯୋଗ୍ୟ ଅଂଶଦାରୀ ମାନଙ୍କର ପ୍ରୟୋଜନ ଓ ସୁପାରିସ୍‌କୁ ଚିହ୍ନଟ କରିବା ୯
ଏଲିଜାବେଥ ଏମ୍ ଗନ୍‌ଜାଲେସ୍, ମେଲିନି ଫେଲସିଂ ଏବଂ ଇର୍‌ଉଇନ୍ ଏଲ ପାଡ଼ର

ଫିଲିପିନ୍‌ସର ରୋଜାସ୍ ସହରରେ ମତ୍ସ ଚାଷ ଆଇନକୁ କାର୍ଯ୍ୟକାରୀ କରିବା ସହଯୋଗରେ ଏକ ଆଇ.ଇସି କାର୍ଯ୍ୟଶାଳା ହୋଇଥିଲା ୧୧
ବେଲିନ୍‌ଡା ଏମ୍ ଗେରିଡ଼ୋ ଏବଂ ଏଲିଜାବେଥ ଏମ୍ ଗନ୍‌ଜାଲେସ୍

ଷ୍ଟ୍ରୀମ୍ ପତ୍ରିକା ବିଷୟରେ ୧୩

ଷ୍ଟ୍ରୀମ୍ ସମ୍ବନ୍ଧୀୟ ୧୪


## ସଂକ୍ଷିପ୍ତ ବିବରଣୀ

ଗତ ଜାନୁୟାରୀ – ମାର୍ଚ୍ଚ ୨୦୦୨ରୁ ଷ୍ଟ୍ରିମ୍ ପତ୍ରିକା ୧(୧) ପାଇଁ ସଂକ୍ଷିପ୍ତ ବିବରଣୀର ଏହି ପରିଚ୍ଛେଦଟି ଆରମ୍ଭ କଲୁ ।

ପ୍ରଥମ ଷ୍ଟ୍ରୀମ୍ ପତ୍ରିକାର ୬ଟି ପ୍ରବନ୍ଧରେ ମୂଳ ବିଷୟବସ୍ତୁ ହେଉଛି, ଏହି ଗୁଡ଼ିକ ଯଥା, ଶିଖିବା, ସଂଘର୍ଷପୂର୍ଣ୍ଣ ପରିଚାଳନା, ସୁଚନା ଏବଂ ପ୍ରସାରଣର ବୈଜ୍ଞାନିକ କଳା କୌଶଳ ଜଳ ସଂପଦର ପରୀଚାଳନା, ଆଇନ ପ୍ରଣୟନ, ଜିବିକା, ସ୍ତ୍ରୀ ବା ପୁରୁଷ, ଅଂଶ ଗ୍ରହଣ କରିବା ଅଂଶୀଦାର, ନିୟମ ଏବଂ ପ୍ରସାରଣ । ଏହି ପ୍ରବନ୍ଧ ଗୁଡ଼ିକ ଷ୍ଟ୍ରୀମ୍‌ର ନେତୃତ୍ୱରେ ଶିକ୍ଷା ଏବଂ ପ୍ରସାରଣକୁ ଚତୁର୍ପାର୍ଶରେ ଉପସ୍ଥାପିତ କରିଥାନ୍ତି । ଷ୍ଟ୍ରୀମ ପତ୍ରିକା ନିର୍ଗମନରେ ଏକ ଅନ୍ତର୍ଦୃଷ୍ଟି ଦର୍ଶାଯାଉଛି ଯାହା ଦ୍ୱାରା ବିଭିନ୍ନ ମତା ମତ ସ୍ୱର ଓ କଥୋପକଥନକୁ ଉଦ୍ଧୃତ କରି ଜାଣିବା ବିଷୟ ବସ୍ତୁକୁ ଏକ ଦଲୀଲର ଅନ୍ତର୍ଗତ କରାଯାଉଛି । ଏହାର ଉଦ୍ଦେଶ୍ୟ ସମାଲୋଚନା କରିବା ନୁହେଁ ମାତ୍ର ପ୍ରତ୍ୟେକ ସହକର୍ମୀ ଦରକାରବେଳେ ପରସ୍ପରକୁ ସାହାଯ୍ୟ କରିବା । ଏହି ପ୍ରବନ୍ଧ ଗୁଡ଼ିକର କଥାବସ୍ତୁ ଷ୍ଟ୍ରୀମ ପତ୍ରିକାର ଉଦ୍ଦେଶ୍ୟକୁ ପ୍ରାଞ୍ଜଳ ଭାବରେ ଅଭିବ୍ୟକ୍ତ କରୁଛି (ପୃ୧୩) । ବର୍ତ୍ତମାନ୍ ଷ୍ଟ୍ରୀମ ପତ୍ରିକାର ୨(୩) ସଂଖ୍ୟା ସର୍ବତ୍ର ନିଜକୁ ପ୍ରତିଫଳିତ କରିପାରୁଛି । ଆମ୍ଭେ ମାନେ ତୁମ ନିଜ ମଧ୍ୟରେ ନିଜକୁ ଆବିଷ୍କାର କରିବାର ସୁଯୋଗ ଦେଉଛୁ ଏହି ପତ୍ରିକା ମାଧ୍ୟମରେ ଯେତେବେଳେ ତୁମେ ନିଜେ ଏହି ୬ ଗୋଟି ପତ୍ରିକା ପାଠ କରିବ ଯାହାକି ୧୪ଟି ଲେଖକଙ୍କ ଦ୍ୱାରା ଲିଖିତ ଯେଉଁମାନେ କି ପାଞ୍ଚଟି ଦେଶରେ ରହନ୍ତି ଅଥବା କାର୍ଯ୍ୟରତ ଅଛନ୍ତି, ସେମାନେ କିପରି ଏ ସମସ୍ତ ବିଷୟରେ ଜଡ଼ିତ ଅଛନ୍ତି ଯଥା ମତ୍ସପଞ୍ଜୁରୀ, ଚିହ୍ନଟ ବୁଡ଼ାଳି, ପାରମ୍ପରିକ ବଂଧନ, ବିଶ୍ୱରେ ସ୍ଥାନର ବ୍ୟବସ୍ଥା, ପୁସ୍ତକଗତ ଖବରା ଖବର ଏବଂ କ୍ଷମତା ବିଷୟରେ ।

ପ୍ରଥମ ପରିଚ୍ଛେଦରୁ ପଢ଼ିଗଲେ ଦେଖିବା ଯେ ତାହା ଆମ୍ଭ ମାନଙ୍କୁ ପରାମର୍ଶ ଦିଏ ଆମ୍ଭେମାନେ କିପରି ଭାବରେ ତାର ପ୍ରକାଶନ ଗୁଡ଼ିକୁ ପୁନଃ ଉପସ୍ଥାପିତ କରେ, ଯେପରି– ଶିକ୍ଷା ଓ ଯୋଗାଯୋଗକୁ ଉତ୍ସାହିତ କରିବା, ବିଭିନ୍ନ ଚିନ୍ତାଧାରାକୁ ଦର୍ଶାଇବା, କାର୍ଯ୍ୟକୁ ପ୍ରମାଣ ସିଦ୍ଧ କରିବା ଏବଂ ଉଦ୍ଦେଶ୍ୟକୁ ବୁଝିବା । ତେଣୁ ଆମେ ଷ୍ଟ୍ରୀମ ପତ୍ରିକା ପାଠକାରୀ ମାନଙ୍କୁ ଏବଂ ସହକର୍ମି ମାନଙ୍କୁ ଉତ୍ସାହିତ କରୁଛୁ ପଦ୍ଧତିମୁଳକ ଅଗ୍ରଣୀ ଏବଂ ମୂଲ୍ୟାଙ୍କନ ପାଇ ଚାଲିଥିବା ଉଦ୍ୟମରେ ସହଯୋଗ କରନ୍ତୁ, ଏକ ଅର୍ଥପୂର୍ଣ୍ଣ ପରିବର୍ତ୍ତିତ ଗଳ୍ପ ସହ ସମୀପବର୍ତ୍ତୀ ହୁଅନ୍ତୁ ଷ୍ଟ୍ରୀମ ପତ୍ରିକା ଉପରେ କୌଣସି ମନ୍ତବ୍ୟ ଅଥବା ଷ୍ଟ୍ରୀମର ପ୍ରାରମ୍ଭିକ ନେତୃତ୍ୱ କାର୍ଯ୍ୟ ଉପରେ ମନ୍ତବ୍ୟ ଦିଅନ୍ତୁ ।
ପଠନ ସୁଖମୟ ହେଉ !

ଗ୍ରାହମ ହେଲର, ଷ୍ଟ୍ରୀମ ନିର୍ଦ୍ଦେଶକ

ଉଇଲିୟମ ସେଭେଜ୍ ଷ୍ଟ୍ରୀମ ପତ୍ରିକା ସଂପାଦକ

# ନେପାଳର ପୋଖାରାରେ ପୋଡ଼ି ସଂପ୍ରଦାୟ ମଧ୍ୟରେ ମତ୍ସ୍ୟଚାଷ ମାଧ୍ୟମରେ ଜିବିକାର ଉନ୍ନତି ।

ଟେକ୍ ବାହାଦୁର ଗୁରୁଙ୍ଗ ଏବଂ ଜୟଦେବ ବିଷ୍ଟା

## ସଂପ୍ରଦାୟ


ପୋଡ଼ି ଦଳର ମାଆ ମାନେ

ଏହି ଗଳ୍ପଟି ଏକ ପୌରାଣିକ ଭଙ୍ଗୁର ସଂପ୍ରଦାୟର ୩୦୦ଟି ପରିବାର ଯେଉଁ ମାନଙ୍କୁ ପୋଡ଼ି ବା ଜଲାରୀ ବୋଲି କହନ୍ତି, ସେମାନେ ନେପାଳର ପୋଖାରା ଉପତ୍ୟକାରେ ବାସକରନ୍ତି । ସେମାନଙ୍କର ମାତୃଭାଷା ନେୱାରୀ ଭାଷା ସହିତ ବହୁତ ମିଳା ଜୁଳା ରହିଛି ଯାହାକି କାଠମାଣ୍ଡୁର ଆଦି ଭାଷା । ସେଥିପାଇଁ ସେମାନେ କାଠମାଣ୍ଡୁରୁ ଆସିଛନ୍ତି ବୋଲି କୁହାଯାଏ । ଏହା ଭଲ ଭାବରେ ଜଣାଯାଏ ଯେ ଏହି ସଂପ୍ରଦାୟର ଲୋକମାନେ ପରଂପରାଗତ ଚାଷ ଜମି, କାର୍ଯ୍ୟ କୌଶଳ, କାର୍ଯ୍ୟ ଏବଂ ଉପାର୍ଜନରୁ ୧୯୬୦ ପର୍ଯ୍ୟନ୍ତ ବଞ୍ଚିତ ରହିଛନ୍ତି । ଏହି ସଂପ୍ରଦାୟ ତାଙ୍କର ପରିବାର ବର୍ଗ ସହିତ ଏକ ଯାଯାବର ଜୀବନ ଯାପନ କରନ୍ତି ସେହି ଜଳାଶୟ, ନଦୀ ଓ ଜଳା ଭୂମି ସ୍ଥାନ ମାନଙ୍କରେ ଖାଦ୍ୟ ପାଇଁ ଜାଲ ଦ୍ୱାରା ମାଛ ମଧ୍ୟ ଧରନ୍ତି । ଏହା ଏପର୍ଯ୍ୟନ୍ତ ଜଣାଯାଇ ନାହିଁ କି ସେମାନେ କେବେଠାରୁ ମତ୍ସ୍ୟ ଚାଷକୁ ନିଜର ଜିବିକା ଭାବରେ ଗ୍ରହଣ କରିଛନ୍ତି । ନେପାଳର ଏହି ବଞ୍ଚିତ ଗରିବ ଲୋକମାନେ ଏପର୍ଯ୍ୟନ୍ତ ଜଙ୍ଗଲ ଅଥବା ଜଳାଶୟ ମାନଙ୍କରୁ ସେମାନଙ୍କର ଦୋହରା ଚାଷ ଅମଳ କରନ୍ତି କାହିଁକିନା ଏହା କାହାରୀ ନିଜସ୍ୱ ସଂପତ୍ତି ନୁହେଁ । ଅଧିକାଂଶ ଜଙ୍ଗଲର ରକ୍ଷଣା ବେକ୍ଷଣ ଓ ତାକୁ ବଞ୍ଚାଇ ରଖିବାର ଦାୟୀତ୍ୱ ସ୍ଥାନୀୟ ସଂପ୍ରଦାୟ ଦ୍ୱାରା ପରିଚାଳିତ ହେଉଛି । ପ୍ରାକୃତିକ ଜଳ ସଂପଦ ଏପର୍ଯ୍ୟନ୍ତ ସେମାନଙ୍କ ଦ୍ୱାରା ବ୍ୟବହୃତ ହେଉଛି । ସାଧାରଣତଃ ପୋଖାରାର ପୋଡ଼ି ସଂପ୍ରଦାୟ ନଦୀ ଓ ଜଳାଶୟ ମାନଙ୍କ ପାଖରେ ଅସ୍ଥାୟୀ କୁଡ଼ିଆରେ ବାସ କରନ୍ତି କାରଣ ସେମାନଙ୍କର ଜିବିକା ମତ୍ସ୍ୟ ଚାଷ ଓ ମତ୍ସ୍ୟ ଧରା ସହିତ ନିବିଡ଼ ଭାବରେ ଜଡ଼ିତ ।

### ଜଳାଶୟରେ ପଞ୍ଜୁରୀ ମତ୍ସ୍ୟ ଚାଷରେ ଅଂଶ ଗ୍ରହଣ –

୧୯୭୦ର ପ୍ରଥମ ଦିନ ଗୁଡ଼ିକରେ ଲେକ୍ ମାନଙ୍କରୁ ଅତିରିକ୍ତ ମାଛ ଧରା ହୋଇଯିବା ଫଳରେ ମାଛ ଧରା ହ୍ରାସ ପାଇବାକୁ ଲାଗିଲା, ପ୍ରଧାନତଃ ଏହି ଲେକ୍ ମାନଙ୍କରେ ଫିୱା (523ha) ବେଗନାସ (328ha) ଏବଂ ରୁପା (135ha) । ପାରମ୍ପରିକ ମଛୁଆ ମାନଙ୍କର ଏକ ମାତ୍ର ଜିବିକାର ରାସ୍ତା ସଂକଟାପନ୍ନ ହୋଇ ପଡ଼ିଲା । ଇତି ମଧ୍ୟରେ ୧୯୭୨ରେ ଫିୱା ଲେକ୍ କୁଳରେ ମତ୍ସ୍ୟ ଚାଷ ଉନ୍ନୟନ କେନ୍ଦ୍ର ସ୍ଥାପନା କରାଗଲା । ଏହାର ଉଦ୍ଦେଶ୍ୟ ଥିଲା ସୁଖ ସୁବିଧାରୁ ବଞ୍ଚିତ ଲୋକ ମାନଙ୍କୁ, ଜିବିକା ଉପାର୍ଜନକାରି 'ପଞ୍ଜୁରୀ ମତ୍ସ୍ୟଚାଷ' ଦ୍ୱାରା କାର୍ଯ୍ୟ ଓ ଉପାର୍ଜନ ଯୋଗାଇବାରେ ସାହାଯ୍ୟ କରିବା ବଡ଼ ଜଳାଶୟ ମାନଙ୍କରେ ଗୃହ ଆକାରର ଜାଲର ପଞ୍ଜୁରୀ ($50m^3$ ଓଡ଼ାୟମେନ୍‌ସନ 5 x 5 x 2mର) ନିର୍ମାଣ କରି ସେଥିରେ ବଡ଼ ମାଛ ଜାଆଁଳ ଛାଡ଼ିଲେ ବଜାରରେ ବିକ୍ରି ଯୋଗ୍ୟ ମାଛ ଉତ୍ପନ୍ନ କରି ହେବ । ଜାଲର ପଞ୍ଜୁରୀ ମଧ୍ୟରେ ମାଛ ମାନେ ପ୍ରାକୃତିକ ଫ୍ଲାକଟନ ଉପରେ ନିର୍ଭର କରନ୍ତି । ବଡ଼ ମୁଣ୍ଡ କାରପ ଓ ସିଲଭର୍ କାରପ ବର୍ଷକରେ ପ୍ରାୟ ୧ କି.ଗ୍ରା. ପର୍ଯ୍ୟନ୍ତ ବଢ଼ନ୍ତି ଯାହାକି ବଜାରରେ ବିକ୍ରି ପାଇଁ ଯୋଗ୍ୟ । ଜଳାଶୟର ଉପାର୍ଜନ କ୍ଷମତା ଅନୁଯାୟୀ ଗୋଟିଏ ଜାଲ ପଞ୍ଜୁରୀ ବର୍ଷକୁ ୨୦୦–୩୦୦ କି.ଗ୍ରା. ମାଛ ଉତ୍ପନ୍ନ କରେ ।

୧୯୭୫ ରୁ ୮୦ ପର୍ଯ୍ୟନ୍ତ ପଞ୍ଜୁରୀ ମତ୍ସ୍ୟ ଚାଷକୁ FAO[1] ଓ UNDP[2] ପଞ୍ଜୁରୀ ସାମଗ୍ରୀ ଓ ଶିଳ୍ପ ବିଜ୍ଞାନୀୟ ଶିକ୍ଷା ଦ୍ୱାରା ସାହାଯ୍ୟ କରିଥିଲେ ପ୍ରଥମରେ ଗୋଟିଏ ଜାଲ ପଞ୍ଜୁରୀର ଦାମ ୫୦୦୦ ହଜାର ନେପାଳି ଟଙ୍କା ଥିଲା । ସଦସ୍ୟ ମାନଙ୍କୁ ଏହି ଖର୍ଚ୍ଚ ସ୍ଥାନୀୟ କୃଷି ଉନ୍ନୟନ ବ୍ୟାଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିଲା । ସଦସ୍ୟମାନେ ଜମିହିନ ଓ ଦୁର୍ବଳ ଗରିବ ଥିଲେ ତେଣୁ ମତ୍ସ୍ୟ ଉତ୍ପାଦନ ଓ ଋଣ ପରିଷଦର ଜିମ୍ମେଦାରୀ ମତ୍ସ୍ୟ ଉନ୍ନୟନ କେନ୍ଦ୍ର ବହନ କରିଥିଲା । ବଜାରରେ ମତ୍ସ୍ୟ ବିକ୍ରୟର କାର୍ଯ୍ୟ ସଂପ୍ରଦାୟର ମତ୍ସ୍ୟ ଉତ୍ପାଦକ ସଂସ୍ଥା ଦ୍ୱାରା କରାଯାଇଥିଲା । ବର୍ତ୍ତମାନ ଅଧିକାଂଶ ଋଣ ପଞ୍ଜୁରୀ ମତ୍ସ୍ୟ ଚାଷର ଲାଭାଂଶରୁ ପରିଶୋଧ କରାଯାଏ ।

୧– ୟୁନାଇଟେଡ୍ ନେସନର ଫୁଡ୍ ଏବଂ ଏଗ୍ରିକାଲ୍ଚାର୍ ଅରଗାନାଲ ନେସନ୍
୨– ୟୁନାଇଟେଡ୍ ନେସନ୍ର ଡ଼େଭଲପ୍ମେଣ୍ଟ ପ୍ରୋଗ୍ରାମ୍

**ଅର୍ଥନୀତି ସମ୍ବନ୍ଧୀୟ କାର୍ଯ୍ୟକଳାପ, ପରିବେଶ ଅନୁକୂଳ ମତ୍ସ୍ୟ ଚାଷ ଏବଂ ସଂପ୍ରଦାୟ ପରିବର୍ତ୍ତନ ।**

ପ୍ରାରମ୍ଭରେ ପଞ୍ଜୁରୀ ଜଳ ଚାଷରେ କାର୍ଯ୍ୟ ଅଳ୍ପ ସମୟ ପାଇଁ ମିଳୁଥିଲା ପୁଣି ଉପାର୍ଜନ ପୁରା ସଂପ୍ରଦାୟ ପାଇଁ ହେଉଥିଲା । ପରବର୍ତ୍ତୀ କାଳରେ ଅନେକ ସଦସ୍ୟଙ୍କ ପାଖରେ ସେମାନଙ୍କର ନିଜସ୍ୱ ପଞ୍ଜୁରୀ ରହିଲା ମାତ୍ର ବଡ଼ ଜାଆଁଳ ପୂର୍ଣ୍ଣ ମାତ୍ରାରେ ଯୋଗାଇବା କଷ୍ଟସାଧ୍ୟ ହୋଇଗଲା । ଯାହା ହେଉ JICA[3]ର ସହାୟତାରେ ବେଗ୍‌ନାସ ଲେକ୍ ପାର୍ଶ୍ୱରେ ମତ୍ସ୍ୟ ଖୋଜି କେନ୍ଦ୍ରର ଆନୁକୂଲ୍ୟରେ ପୋଖାରାରେ ଏକ ମତ୍ସ୍ୟ ଜାଆଁଳ ଉତ୍ପନ୍ନ ଗୃହ ନିର୍ମାଣ କରାଗଲା ଯାହାଦ୍ୱାରା ବଡ଼ ଜାଆଁଳର ଚାହିଦାକୁ ପୂରଣ କରାଯାଇପାରିଲା । ବର୍ତ୍ତମାନ ପ୍ରାୟ ଅଧିକାଂଶ ପରିବାରରେ ନିଜସ୍ୱ ପାଖାପାଖି ୧୬ଟି ପଞ୍ଜୁରୀ ରହିଛି ଯାହାଦ୍ୱାରା ସେମାନେ ବର୍ଷକୁ ପ୍ରାୟ ୩୦୦୦ ରୁ ୪୦୦୦ କେ.ଜି. ବଜାରରେ ବିକ୍ରିଯୋଗ୍ୟ ମାଛ ଉତ୍ପନ୍ନ କରି ଯଥେଷ୍ଟ ଉପାର୍ଜନ କରିପାରୁଛନ୍ତି । ଅଧିକାଂଶ ପରିବାର ପାଖରେ ସେମାନଙ୍କର ନିଜସ୍ୱ ପଞ୍ଜୁରୀ ମତ୍ସ୍ୟ ଚାଷ ରହିଛି ଯାହା ଦ୍ୱାରା ସେମାନେ ନିଜର ଘର ଓ ଜମି କରିବା ସହ ଉପଯୁକ୍ତ ଉପାର୍ଜନର ସାଧନ ମଧ୍ୟ ପାଇପାରୁଛନ୍ତି ।

ବଜାରରେ ନଦୀ ଏବଂ ଲେକ୍ ମାଛର ଚାହିଦା ବହୁତ ବେଶୀ କାହିଁକିନା ସେଗୁଡ଼ିକ ପ୍ରାକୃତିକ ଖାଦ୍ୟ ପ୍ଲାକ୍‌ଟନ ଉପରେ ନିର୍ଭର କରନ୍ତି । ତେଣୁ ଭବିଷ୍ୟତରେ ପଞ୍ଜୁରୀ ମାଛର ଦାମ ବଜାରରେ ବୃଦ୍ଧି ପାଇବ କାହିଁକିନା ସେଗୁଡ଼ିକ ପ୍ରାକୃତିକ ଜଳରେ ଚାଷ କରାଯାଉଛି । ପଞ୍ଜୁରି ମାଛ ଫସ୍‌ଫରାସ୍ ଓ ନାଇଟ୍ରୋଜେନ ପ୍ଲାକଟନ ଗ୍ରହଣ କରିଥାଏ । ଯାହାକି ଅଦରକାରୀ ପଦାର୍ଥକୁ ଜଳରୁ ବାହାର କରିବାରେ ସାହାଯ୍ୟ କରିଥାଏ । ଜିବିକା ଉପାର୍ଜନକାରୀ ପଞ୍ଜୁରୀ ମତ୍ସ୍ୟଚାଷ ଏକ ପରିବେଶ ଅନୁକୂଳ ମାଛ ଚାଷ ବୋଲି ଜଣାଯାଏ ।

ସଂପ୍ରଦାୟର ଅଧିକାଂଶ ପରିବାର ତାଙ୍କ ପିଲାମାନଙ୍କୁ ସ୍କୁଲରେ ପଢ଼ାଇବା ପାଇଁ ସକ୍ଷମ ହୋଇଛନ୍ତି, ତିନୋଟି ଛାତ୍ର ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ପ୍ରସ୍ତୁତ ହେଲେଣି । ଏହା ପୂର୍ବରୁ ଗୋଟିଏ ଶିକ୍ଷିତ ଲୋକ ଏହି ସଂପ୍ରଦାୟରେ ଖୋଜି ପାଇବା କଷ୍ଟକର ଥିଲା । ଅଧିକାଂଶ ପରିବାରରେ ଟି.ଭି., ଗ୍ୟାସ ଚୁଲି ଓ ସୌଚ୍ଚାଳୟ ରହିଛି ପୁଣି ଅଳ୍ପ କିଛି ଲୋକଙ୍କ ପାଖରେ ମଟର ସାଇକେଲ ଅଛି । କିଛି ପରିବାର ମଧ୍ୟବିତ ଜୀବନ ଶୈଳିରେ ବାସ କରୁଛନ୍ତି ପୁଣି ସମୟ ଆସିବ ଯେତେବେଳେ କିଛି ମାଆ ତାଙ୍କ ସନ୍ତାନ ମାନଙ୍କ ପାଇଁ ସ୍କୁଲ ଖୋଲିବ ।



**ସଂପ୍ରଦାୟର ମାଆ ମାନେ ପଞ୍ଜୁରୀ ମତ୍ସ୍ୟଚାଷରୁ ମାଛ ସଂଗ୍ରହ କରୁଛନ୍ତି ।**

**ପ୍ରାପ୍ତ ଶିକ୍ଷା ଏବଂ ସେଥିରେ ସଂଯୁକ୍ତ ହେବା**

ପଞ୍ଜୁରୀ ଜଳ ଚାଷ ଯାହାକି ଫିୱା, ବେଗ୍‌ନାସ୍ ଓ ରୂପା ଲେକ୍‌ରେ ଆରମ୍ଭ କରାଯାଇଥିଲା । ଏହା ଦ୍ୱାରା ଭୂମିହୀନ, ସମ୍ବଳହୀନ ଏବଂ ପୋଡ଼ି ସଂପ୍ରଦାୟର ଲୋକମାନେ ନିଜର ଜିବିକା ଉପାର୍ଜନରେ ବୃଦ୍ଧି କରିପାରିଛନ୍ତି । ଯଦିଓବା ମାଛ ଚାଷ ଏହି ସଂପ୍ରଦାୟର ଏକ ପାରମ୍ପରିକ ବ୍ୟବସାୟ ନଥିଲା । ଅନୁଭୂତି ଦ୍ୱାରା ଏହା ଦେଖାଯାଉଛି ଯେ ଲୋକଙ୍କର ପୂର୍ବ ଜିବିକା ସହିତ କୌଣସି ସାମଞ୍ଜସ୍ୟ ନଥିଲେ ମଧ୍ୟ ପଞ୍ଜୁରୀ ମାଛ ଚାଷ ବହୁତ ସଫଳ ହୋଇଛି । ଅବଶ୍ୟ ସଂପ୍ରଦାୟର ଲୋକମାନେ ପ୍ରଚୁର ଜଳ ଓ ନିଜର ପାରମ୍ପରିକ ଶିକ୍ଷା ଦ୍ୱାରା ମାଛର ରକ୍ଷଣା ବେକ୍ଷଣ କରିଥିଲେ । ଏହି ପଞ୍ଜୁରୀ ମତ୍ସ୍ୟ ଚାଷ ସହିତ ଜଡ଼ିତ ହୋଇ ଏହି ସଂପ୍ରଦାୟର ଲୋକ ମାନେ ଅନ୍ୟ ସଂପ୍ରଦାୟ ଲୋକ ମାନଙ୍କର ଜିବିକା ଉନ୍ନତି ପାଇଁ ଶକ୍ତି ଓ ଆକର୍ଷଣର ଏକ କେନ୍ଦ୍ର ବିନ୍ଦୁ ହୋଇଛନ୍ତି ।

**ଏହି ସଂପ୍ରଦାୟ ଜଳାଶୟ ଓ ସ୍ଥାନୀୟ ମାଛର ରକ୍ଷଣାବେକ୍ଷଣ ଦିଗରେ ଅଗ୍ରସର ହେଉଛି ।**

ବର୍ତ୍ତମାନ ପୋଡ଼ି ଲୋକମାନେ ଯେଉଁମାନେ ପଞ୍ଜୁରୀ ଜଳ ଚାଷ ଉପରେ ନିର୍ଭର ରହିଛନ୍ତି, ସେମାନେ ଚିନ୍ତା କରୁଛନ୍ତି ଯେ କେବଳ ପ୍ରାକୃତିକ ଜଳ ସଂପଦକୁ ବ୍ୟବହାର କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ ମାତ୍ର ଏହାର ରକ୍ଷଣାବେକ୍ଷଣ ମଧ୍ୟ କରିବା ଆବଶ୍ୟକ । ସେମାନେ ସ୍ୱେଚ୍ଛାକୃତ ଅନୁପ୍ରାଣିତ ହୋଇ ଜଳାଶୟ ମଧ୍ୟରୁ ସମସ୍ତ ଅନାବଶ୍ୟକ ପଦାର୍ଥକୁ ସଫା କରୁଛନ୍ତି । ପୁଣି ନିୟମ କାନୁନ୍ ବନାଇ ଲେକ୍‌ର ବିଭିନ୍ନ ସ୍ତରରେ ରକ୍ଷଣାବେକ୍ଷଣ ପାଇଁ ତାହା ସମସ୍ତଙ୍କୁ ପାଳନ କରିବା ପାଇଁ ଅନୁରୋଧ କରୁଛନ୍ତି । ଏହି ଗୋଷ୍ଠୀ ବର୍ତ୍ତମାନ ସ୍ଥାନୀୟ ଉନ୍ନୟନ ଅଧିକାରୀଙ୍କୁ ପ୍ରତ୍ୟେକ ଅମଳ ପରେ କର ଦାଖଲ କରୁଛି ।

ପୋଖାରା ଉପତ୍ୟକାର ହ୍ରଦ ମାନଙ୍କରେ ପ୍ରାୟ ୨୫ ପ୍ରକାରର ମାଛ ମିଳେ । କିଛି ସ୍ଥାନୀୟ ଜାତିର ମାଛ ଯେପରି 'ମାସିର' ଯାହାକି ଆକ୍ରମଣକାରୀ କାହିଁକିନା ସେମାନେ ଗୁଚ୍ଛାକୃତି ଭାବରେ ରହନ୍ତି । ବର୍ଷା ଋତୁରେ ହ୍ରଦର ପାଣି ପଶିବା ବାଟ ଦେଇ ସେମାନେ ଛୋଟ ନାଳ ଇତ୍ୟାଦିକୁ ବିହନ ଛାଡ଼ିବା ପାଇଁ ବାହାରି ଯାଆନ୍ତି । ସେଥିପାଇଁ ପୋଡ଼ି ଗୋଷ୍ଠିର ଲୋକମାନେ ବର୍ଷାଋତୁରେ ବିହନ ଛାଡ଼ିବା ମାଛ ମାନଙ୍କୁ ଜଗିରହି ବାହାରକୁ ଯିବାକୁ ଦିଅନ୍ତି ନାହିଁ ।

– ଟେକ୍ ବାହାଦୁର ଗୁରୁଙ୍ଗ, କ୍ଷେସନ ଚିଙ୍ଗ୍ ଏବଂ ଜୟଦେବ ବିଷ୍ଟା ସିନିୟର ସାଇନ୍‌ଟିଷ୍ଟ, ଏମାନେ ନେପାଳର ପୋଖାରା ଫିସାରୀକୁ ରିସାର୍ଚ୍ଚ କେନ୍ଦ୍ରରେ ଅଛନ୍ତି ଏମାନଙ୍କ ସହ ଯୋଗାଯୋଗ କରାଯାଇ ପାରିବ (fishres@fewanet.com.np>.)

[3] ଜାପାନ ଇନ୍‌ଟାରନେସନାଲ କୋପରେସନ ଏଜେନ୍‌ସି

## ଭିଏତନାମର ଖାନ୍‌ହୋଓ ପ୍ରଦେଶରେ ଜିବିକା ଉପାର୍ଜନ ପାଇଁ ନାରୀ ମାନଙ୍କର ଉପକୂଳବର୍ତ୍ତୀ ସଂପଦର ପରୀଚାଳନାରେ ଯୋଗଦାନ ।

ନୁଇଏନ୍ ଥୁ ହୁଇ, ଥାନ୍ ଥି ହିଏନ୍, ଫାମ୍ ଥି ଫୁଙ୍ଗ୍ ହୋଆ, ନୁଇଏନଭିଏତ୍‌ଭିନ୍ ଏବଂ ଡ଼ାଅ ଭିଏତ୍‌ଲଂଗ୍ ।

### ଆଇ ଏମ୍ ଏ ପ୍ରକଳ୍ପ ଏବଂ ମହିଳା ମାନଙ୍କର ଅଂଶ ଗ୍ରହଣ –

ଭିଏତନାମର ଚ୍ୟାନ୍ ହୋଆ ପ୍ରଦେଶର ଭାନ୍ ନିନ୍‌ହ ଜିଲ୍ଲାରେ ସ୍ଥାନୀୟ ସାମୁଦ୍ରିକ ସଂରକ୍ଷଣ ପରିଚାଳନାର ଆନୁକୁଲ୍ୟରେ (IMA) ଅନ୍ତର୍ଦେଶିୟ ମିଳିତ ସାମୁଦ୍ରିକ ଜୀବନ ଏକ ତିନି ବର୍ଷୀୟ ଯୋଜନା, ଗୋଷ୍ଠୀ ଆଧାରିତ ଉପକୂଳବର୍ତ୍ତୀ ସଂପଦ ପରିଚାଳନା ଦ୍ୱାରା ସଂପନ୍ନ କଲେ । ଏହି ଯୋଜନାର ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ଲୋକ ମାନଙ୍କର ସେମାନଙ୍କ ଉପକୂଳବର୍ତ୍ତୀ ସଂପଦର ଉତ୍ତମ ରୂପେ ପରିଚାଳନା କରିବା ଏବଂ ଦୀର୍ଘସ୍ଥାୟୀ ମାଛ ଧରା ଓ ଜଳ ଚାଷ ପଦ୍ଧତିକୁ ପ୍ରୟୋଗ କରି ସାମାଜିକ ଅର୍ଥନୀତିର ଉନ୍ନତି କରିବା । IMA ବିଶେଷ ଭାବରେ ମହିଳା ମାନଙ୍କର ସହଭାଗୀତାରେ ଦୃଷ୍ଟି ଦେଇଥିଲା । ସେମାନେ ସ୍ଥାନୀୟ ମାଛଧରା, ଅର୍ଥନୀତି ଏବଂ ସାମୁଦ୍ରିକ ସଂପଦର ରକ୍ଷଣାବେକ୍ଷଣରେ ମହତ୍ୱପୂର୍ଣ୍ଣ ଅଂଗ ଗ୍ରହଣ କରିଥିଲେ, କିନ୍ତୁ ଅନେକ ସମୟରେ ଚେହେରା ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିଲା । ତେଣୁ ମହିଳା ସମସ୍ୟା ଗୋଟିଏ ମହତ୍ୱପୁର୍ଣ୍ଣ ବାଧା ଯାହାକୁ ଅନ୍ତର୍ଦେଶୀୟ ମିଳିତ ସାମୁଦ୍ରିକ ଜୀବନ (IMA) ତାର ଯୋଜନା କାର୍ଯ୍ୟକ୍ରମରେ ସମନ୍ୱିତ କଲା, ମହିଳା ମାନଙ୍କ ପ୍ରାଧାନ୍ୟତାରେ ଯେପରି ପକ୍ଷପାତ ନହୁଏ ଏବଂ ମହିଳା ମାନଙ୍କୁ ଅଧିକ ମହତ୍ୱ ଦେଲା, ଉପକୂଳବର୍ତ୍ତୀ ସଂପଦର ପରିଚାଳନାରେ ଦକ୍ଷତାର ସହ ଅଂଶ ଗ୍ରହଣ କରିବା ପାଇଁ ।

ଜୁଲାଇ ୨୦୦୨ କାଳରୁ ଭିଏତନାମର ଅନ୍ତଃର୍ଦେଶୀୟ ମିଳିତ ସାମୁଦ୍ରିକ ଜୀବନ (IMA) ଏକ ସହ–ଯୋଜନା ଆରମ୍ଭ କରିଥିଲା ଏବଂ ତାର ନାମ ଦେଇଥିଲା "ଉପକୂଳବର୍ତ୍ତୀ ପରିଚାଳନାରେ ନାରୀ ମାନଙ୍କର ସହଯୋଗ ଏବଂ ଜୀବିକା ନିର୍ବାହ ଏହା ଖାନ ହୋଆ ପ୍ରଦେଶରେ ହୋଇଥିଲା" ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ମହିଳା ମାନଙ୍କ ସମ୍ବନ୍ଧରେ ଜାଗୃତି ଆଣିବା ଏବଂ ଉପକୂଳବର୍ତ୍ତୀ ସଂପଦ ପରିଚାଳନାରେ ମହିଳା ମାନଙ୍କର ଦକ୍ଷତା ବଢ଼ାଇବା । ପୁଣି ଏହି କାର୍ଯ୍ୟ ଦ୍ୱାରା ଗ୍ରାମାଞ୍ଚଳର ମହିଳା ମାନେ ଯେପରି ଲାଭବାନ ହୋଇପାରିବେ । ପ୍ରଧାନ କାର୍ଯ୍ୟକ୍ରମ ଗୁଡ଼ିକ ହେଉଛି –

୧) ଦଳ ଗଠନ କରିବା ପାଇଁ ମହିଳା ମାନଙ୍କୁ ତାଲିମ ଦେବା (ତାଲିମ ପ୍ରାପ୍ତ ଦଳ ଏବଂ ସ୍ଥାନୀୟ ଲୋକ)

୨) ଜୀବିକା ନିର୍ବାହର ଅନ୍ୟ ପଦ୍ଧତି ଗଠନ କରିବା ଏବଂ

୩) ଜୀବିକା ନିର୍ବାହ ପାଇଁ ସ୍ୱେଚ୍ଛାକୃତ ଭାବରେ ବଛା ହୋଇଥିବା ମହିଳା ମାନଙ୍କୁ ଅଳ୍ପ ମୂଳଧନ ଦ୍ୱାରା ପ୍ରୋତ୍ସାହିତ କରିବା ।

ଅନ୍ତଃର୍ଦେଶୀୟ ମିଳିତ ସାମୁଦ୍ରିକ ଜୀବନ (IMA)ର ସହଯୋଗରେ ଏହି ସହ–ଯୋଜନା ସ୍ଥାନିୟ କାର୍ଯ୍ୟକାରୀ ଦଳ ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଗଲା (ସ୍ଥାନୀୟ ଯୋଜନା ପରିଚାଳନ କମିଟି ଏବଂ ଭିଏତନାମ ମହିଳା ସଂଗଠନ) ଯୋଜନାର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଉତ୍ସାହିତ କରିବା ସହ ପ୍ରାଥମିକ ସ୍ଥରରୁ ଯେପରି ଲାଭବାନ ହେବ ସେଥିପାଇଁ ଦୃଷ୍ଟି ଦିଆଗଲା । ପ୍ରତ୍ୟେକ କାର୍ଯ୍ୟ ଦକ୍ଷ ଏବଂ ସୁପରାମର୍ଶଦାତା ଦ୍ୱାରା ପରିଚାଳିତ କରାଗଲା ଯେପରି ଏକ ଉଚ୍ଚକୋଟିର ତାଲିମ ପାଇ ପାରିବେ । ସ୍ଥାନୀୟ ପ୍ରସାରଣ କେନ୍ଦ୍ର ମହିଳା ମାନଙ୍କ ବିଷୟରେ ଜାନକାରୀ ତଥା ପ୍ରଚାର କରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି, ବିଶେଷ କରି ମହିଳା ମାନଙ୍କର ଭୂମିକା, ଉପକୂଳବର୍ତ୍ତୀ ସଂପଦର ପରିଚାଳନାରେ ।

### ମହିଳା ମାନଙ୍କର ତାଲିମ କାର୍ଯ୍ୟପ୍ରଣାଳୀ–

ସହ–ଯୋଜନା କାର୍ଯ୍ୟକ୍ରମର ଏକ ଅଂଶରେ ଅକ୍ଟୋବର ୨୦୦୨ରେ ମହିଳା ମାନଙ୍କର ଦୁଇଟି ତାଲିମ କାର୍ଯ୍ୟ ପ୍ରଣାଳୀ ଭାନ୍ ନିନ୍‌ହ ଜିଲ୍ଲାର ଭାନ୍ ହୁଂଗ ଦଳର, ଦଳୀୟ କର୍ମଚାରୀ ଏବଂ ସଂପ୍ରଦାୟର ସଦସ୍ୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୬୦ ଜଣ ଅଂଶ ଗ୍ରହଣକାରୀଙ୍କୁ ମହିଳା ମାନଙ୍କର ମୌଳିକ ଧାରଣା ବିଷୟରେ ପରିଚିତ କରାଗଲା ଏବଂ ଏହା ମଧ୍ୟ ଶିଖିଲେ ଯେ କିପରି ମହିଳା ମାନଙ୍କୁ ଉନ୍ନତ ଯୋଜନା ପାଇଁ ଚିହ୍ନଟ କରିବେ । ଏହି ତାଲିମ ଦ୍ୱାରା ମହିଳା ମାନଙ୍କର ଜାଗୃତି ବଢ଼ିଲା । ସର୍ବଶେଷରେ ପୁରୁଷମାନେ, ମହିଳା ମାନଙ୍କର ପାରିବାରିକ ଅର୍ଥନୀତି ଏବଂ ସଂପ୍ରଦାୟର ଉନ୍ନୟନ ମୁଳକ କାର୍ଯ୍ୟକଳାପର ଭୂମିକା ପ୍ରତି ସକାରାତ୍ମକ ଦୃଷ୍ଟି ଦେଇଛନ୍ତି । ପୁରୁଷ ମାନଙ୍କର ବ୍ୟବହାରରେ ପରିବର୍ତ୍ତନ ଜଣା ପଡ଼ିଲା ଏକ ଶେଷ କଥପକଥୋନ ଏବଂ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଦ୍ୱାରା ଏହା ସହିତ ମହିଳା ମାନଙ୍କର ଦକ୍ଷତା ମଧ୍ୟ ବୃଦ୍ଧି ପାଇଲା ।




**ମହିଳା ମାନଙ୍କ ଭୂମିକାରେ ପୁରୁଷ ମାନଙ୍କ ଚିନ୍ତାଧାରାକୁ ପ୍ରୋତ୍ସାହିତ କରାଯାଉଛି ।**

---

୪ ଆଇ ଏମ୍ ଏର ପ୍ରୋଗ୍ରେସ୍ ରିପୋର୍ଟ କାର୍ଯ୍ୟକାରୀ ହୋଇପାରେ । At www.imavietnam.org

ଜୀବିକା ଉପାର୍ଜନର ଅନ୍ୟ ଉପାୟ ପ୍ରତି ଦୃଢ଼ ବିଶ୍ୱାସ ସହିତ ସ୍ୱର ଉତ୍ତୋଳନ କରିବା ଏବଂ ଉପକୂଳବର୍ତ୍ତୀ ସଂପଦର ପରିଚାଳନା କାର୍ଯ୍ୟରେ ଦକ୍ଷତା ଦର୍ଶାଇବା ଦ୍ୱାରା ଏହା ପ୍ରମାଣିତ ହେଉଛି ।

**ବୈକଳ୍ପିକ ଜିବିକା ବିଚାରର ପ୍ରକାଶ ସ୍ଥାନ**

ତାଲିମ କାର୍ଯ୍ୟକ୍ରମ ପରେ ପରେ, ବିଚାର ବିମର୍ଶ କରିବା ପାଇଁ ଏକ ସ୍ଥାନ ପ୍ରସ୍ତୁତ କରାଗଲା ଯେଉଁଠାରେ ଗରିବ ମହିଳା ମାନଙ୍କର ବୈକଳ୍ପିକ ଜିବିକାରେ ନେତୃତ୍ୱ ନେବା ବିଷୟରେ କଥପୋକଥନ ହେଲା । ଖାନ୍ ହୋଆ ମତ୍ସ୍ୟ କେନ୍ଦ୍ର ଏକ ଦକ୍ଷ ଦଳ, (IMA) ଭିଏତ୍‌ନାମର କିଛି କର୍ମଚାରୀ ଏବଂ ସ୍ଥାନୀୟ ଯୋଜନା ପରିଚାଳନା ସଂଘ ୬୦ ଜଣ ଲୋକଙ୍କୁ ନେଇ ଏଇ ବିଚାରବିମର୍ଶ ସଫଳ କରାଇଥିଲେ । ଜୀବିକା ବିଷୟରେ ଦକ୍ଷ ଲୋକ ମାନେ ଯୋଗଦାତା ମାନଙ୍କୁ ସେମାନଙ୍କର ସ୍ଥାନ ଅନୁଯାୟୀ ସଠିକ୍ ବୈକଳ୍ପିକ ଜୀବିକା ବିଷୟରେ ଜାନକାରୀ ପ୍ରଦାନ କଲେ । ଏହି ବିଚାରବିମର୍ଶ ଦଳ "ହନ୍ ମୁନ୍ ସାମୁଦ୍ରିକ ରକ୍ଷଣ ସ୍ଥାନ"[5]ର ପଦସ୍ଥ କର୍ମଚାରୀ ଓ ମଛୁଆ ମାନଙ୍କୁ ଆକର୍ଷିତ କରିଥିଲେ ତାଙ୍କର ଅନୁଭୂତି ଓ ଶିକ୍ଷାରେ ଅଂଶ ଗ୍ରହଣ କରିବାକୁ ।



**ଅଂଶ ଗ୍ରହଣକାରୀ ମାନଙ୍କୁ ଘରୁଆ ପରିବେଶରେ ଜୀବିକା ଧାରଣାର ପରିଚୟ ଦିଆଯାଉଛି ।**



**ମହିଳା ମାନେ ଆଲୋଚନା କରୁଛନ୍ତି ଏବଂ ସେମାନଙ୍କର ନିଜସ୍ୱ ବୈକଳ୍ପିକ ଜୀବିକା ଆରମ୍ଭ କରୁଛନ୍ତି ।**

ବିଚାର ବିମର୍ଶ ଦଳର ସଦସ୍ୟ ମାନେ ଉତ୍ତମ ବୈକଳ୍ପିକ ବିଷୟରେ ଆଲୋଚନା କରିତାହାକୁ ଆରମ୍ଭ କରନ୍ତି । ଅନୁକୂଳ ପରିବେଶ ମଧ୍ୟରେ ଜୀବିକା, ଏ ସହିତ ଅଳ୍ପ ପୁଞ୍ଜିର ଜଳ ଚାଷ ଯେପରି (ସମୁଦ୍ର ଉଇଡ୍, ଏବଂ ସବୁଜ ମୁସେଲ୍) ପୁଣି ଅନ୍ୟାନ୍ୟ ବୈକଳ୍ପିକ ଜୀବିକା ବିଷୟରେ ପ୍ରସ୍ତାବ ଅଣାଯାଇ ମହିଳା ମାନଙ୍କ ମଧ୍ୟରେ ଭଲ ଭାବରେ ଆଲୋଚନା କରାଯାଏ । ଅଂଶଗ୍ରହଣକାରୀ ମାନେ ଆଲୋଚନାରେ ପୂର୍ଣ୍ଣ ଏକମତ ହୋଇଥାନ୍ତି । ନିର୍ବାଚିତ ହୋଇଥିବା ବୈକଳ୍ପିକ ଜୀବିକା ଦ୍ୱାରା ମହିଳା ମାନେ ଉପାର୍ଜନକ୍ଷମ ହୋଇଥାନ୍ତି ପୁଣି ସାମୁଦ୍ରିକ ସଂପଦ ପରିଚାଳନାର ଉନ୍ନତି ପାଇଁ ସାହାଯ୍ୟ କରନ୍ତି । ଏହି ଜୀବିକା କାର୍ଯ୍ୟକ୍ରମ ଦ୍ୱାରା ସଂପ୍ରଦାୟ ମଧ୍ୟରେ ମହିଳା ମାନଙ୍କର ସ୍ଥାନ ନିରୁପିତ କରାଯାଏ ।

**ସ୍ୱଳ୍ପ ଅର୍ଥ ଦ୍ୱାରା ଜୀବିକା ପ୍ରାରମ୍ଭ**

ଏକତିରିଶ ଜଣ ମହିଳା ଯେଉଁ ମାନେ ନିଜସ୍ୱ ବୈକଳ୍ପିକ ଜୀବିକା ଆରମ୍ଭ କରିଥିଲେ ସେମାନଙ୍କୁ (IMA) ଆଇ.ଏମ୍.ଏ ଓ ଦକ୍ଷ ଜଳଚାଷୀଙ୍କ ଦ୍ୱାରା ଯାନ୍ତ୍ରିକ ସାହାଯ୍ୟ ଦିଆଗଲା । ସେମାନଙ୍କର ପସନ୍ଦ କରିଥିବା ଜୀବିକା ଗୁଡ଼ିକ ପରିବେଶର ଅନୁକୂଳ ଜଳକୃଷି ଯାହାକି ଜଳର ଗୁଣବର୍ତ୍ତାକୁ ବଢ଼ାଏ ପୁଣି ସ୍ଥାନୀୟ ସାମୁଦ୍ରିକ ସଂପଦକୁ ବଢ଼ାଇବା ପାଇଁ ଚରାଭୂମି ପ୍ରସ୍ତୁତ କରେ । କାର୍ଯ୍ୟକାରୀ ଯନ୍ତ୍ରର ପ୍ରସ୍ତୁତି ସମୟରେ ମହିଳା ମାନେ ନିଜେ ସେ କାର୍ଯ୍ୟରେ ସିଧା ସଳଖ ଭାବରେ ଯୋଗ ଦେଇଥାନ୍ତି । ସୁବିଧା ଗୁଡ଼ିକ ଯେପରି (ଜାଲର ପଞ୍ଜୁରୀ ଏବଂ ବୁଡ଼ାଳି ଲୋକ) ଅମଳ ପରର ଯତ୍ନ ଏବଂ ପ୍ରସ୍ତୁତି । ଯେତେବେଳେ କି ପୁରୁଷ ମାନେ ଚାଳନାରେ ସାହାଯ୍ୟ କରିଥାନ୍ତି । ପୁରୁଷ ମାନେ ସେମାନଙ୍କର ଉତ୍ପାଦିତ ସାମଗ୍ରୀକୁ ବଜାରକୁ ଆଣନ୍ତି ପୁଣି ଟ୍ରାଓ ରିଫ୍ ସାମୁଦ୍ରିକ ସଂରକ୍ଷଣକୁ ଆସୁଥିବା ପରିଦର୍ଶକ ମାନଙ୍କୁ ଦେଖାନ୍ତି । ଏହା ଆଶା କରାଯାଏ ଯେ ୬ ମାସ ମଧ୍ୟରେ ସେମାନଙ୍କର ଆୟ ବୃଦ୍ଧି ହେବ । କେବଳ ଅଳ୍ପ ମୂଳଧନର ନିବେଶ ପ୍ରୟୋଜନ ଏବଂ କଳା କୌଶଳ ଶସ୍ତାରେ ଯୋଗେଇ ଦିଆଯାଏ । ଏହି ଜୀବିକା ପ୍ରାରମ୍ଭ ଦ୍ୱାରା ମହିଳା ମାନଙ୍କର ଉପକୂଳ ସଂପଦ ପରିଚାଳନାରେ ଦକ୍ଷତା ଓ ଭୂମିକା ବୃଦ୍ଧି ପାଇଛି ।

ନୁଏନ୍ ଥୁ ହୁଇ (ଦେଶର ସହ ସଂପର୍କଦାତା), ଥାନ୍ ଥି ହିଏନ୍ (ମହିଳା ବିଶେଷଜ୍ଞ) ଫାମ୍ ଥି ଫୁଙ୍ଗ୍ ହୋଆ (ସୁଚନା କାର୍ଯ୍ୟକର୍ତ୍ତା), ନୁଏନ୍ ଭିଏତ୍ ଭିନ୍ (ମତ୍ସ୍ୟକେନ୍ଦ୍ର ଯାନ୍ତ୍ରିକ ଉପଦେଷ୍ଟା) ଏବଂ ଡ଼ାଓ ଭିଏତ୍ ଲଂଗ (ସଂପ୍ରଦାୟ ଉନ୍ନୟନ କାର୍ଯ୍ୟକର୍ତ୍ତା) ଭିଏତନାମର ଅନ୍ତର୍ଦେଶୀୟ ମିଳିତ ସାମୁଦ୍ରିକ ଜୀବନରେ କାର୍ଯ୍ୟରତ । ଏମାନଙ୍କ ସହିତ ସଂପର୍କ ପାଇଁ – ima-vietnam@netnam.vn>.

୫ ଦେଖିପାନତି ଷ୍ଟିମ୍ ଜର୍ନାଲ୧(୪), ୧–୨, ଆଇ ଏମ୍ ଏ ଭିଏତ୍ ନାମ ପ୍ରକଳ୍ପ ବିଷୟରେ ଜାଣିବା ପାଇଁ ।

## ଇଣ୍ଡୋନେସିଆର ଉପକୂଳ ସଂପଦର ପରିଚାଳନାରେ ଲୋକ ମାନଙ୍କର ଚେଷ୍ଟା ଓ ପାରସ୍ପରିକ କ୍ରିୟାରେ ସାହାଯ୍ୟ

ତାବିଥା ୟୁଲିଟା

### ଜୀବନର ପରିସ୍ଥିତି, ସାର୍ବଜନୀନ ସଂପତ୍ତି, ସଂପ୍ରଦାୟର ଅଂଶ ଗ୍ରହଣ ଏବଂ ବିବାଦ

ନିକଟ ଭବିଷ୍ୟତରେ, ଲୋକ ମାନଙ୍କର ଜୀବନ ଯାପନ ପରିସ୍ଥିତିର ସମସ୍ୟା ଗୁଡ଼ିକ ଉପରେ ବିଶେଷ ଦୃଷ୍ଟିପାତ କରାଯାଉଛି । ଇଣ୍ଡୋନେସିଆରେ ଏକ ସିକୃତି କରାଯାଇଛି କି ଯେପରି ଭାବରେ ପ୍ରାକୃତିକ ସଂପଦ ଗୁଡ଼ିକୁ ନଷ୍ଟ କରାଯାଉଛି ତାହା ଅନୁପଯୋଗୀ ଓ ଅସ୍ଥାୟୀ ହେଉଛି । ସ୍ଥାନିୟ ଶାସକ ସର୍ବସାଧାରଣଙ୍କ ସଂପଦ ଓ ଉପଭୋକ୍ତା ମାନଙ୍କର ଅଧିକାରକୁ ବଞ୍ଚାଇବାରେ ଅସଫଳ ହୋଇଛି ବୋଲି ଦାବି କରାଯାଉଛି । ସଂପଦ ଗୁଡ଼ିକ ହେଲା ସମୁଦ୍ର, ଉପକୂଳ, ପବନ, ଜମି ଏବଂ ଜଙ୍ଗଲ । ଏହି ସଂପଦ ଗୁଡ଼ିକ କାହାରି ନିଜସ୍ୱ ନୁହେଁ ତେଣୁ ଏହା ସମସ୍ତଙ୍କର ଉପକାର ପାଇଁ ବ୍ୟବହୃତ ହେବା ଆବଶ୍ୟକ ।

କାର୍ଯ୍ୟ କରିବାର ପଦ୍ଧତି ଓ ନିୟମ, ସର୍ବସାଧାରଣଙ୍କ ସଂପଦର ଅଧିକାର ପାଇବା ପାଇଁ ସଂପ୍ରଦାୟର ଲୋକ ମାନଙ୍କର ସୁପରାମର୍ଶରେ, ଯେଉଁ ମାନେ କି ଏହାକୁ କାର୍ଯ୍ୟରେ ଲଗାଇବେ କାର୍ଯ୍ୟ କରିବାର ପଦ୍ଧତି ଓ ନିୟମ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଗଠନ ହେବା ଆବଶ୍ୟକ । ଅଂଶ ଗ୍ରହଣକାରୀ ମାନେ ବିନା ନିୟମ ଓ ପଦ୍ଧତିରେ ସର୍ବ ସାଧାରଣଙ୍କ ସଂପଦକୁ ବ୍ୟବହାର କଲେ ବିବାଦ ଉପୁଜେ । ଉଦାହରଣ ସ୍ୱରୂପ ବେତାହାନ୍ ଏବଂ ଜରିଂଗ ହାଲୁସ ଗ୍ରାମ ଯାହାକି ଉତ୍ତର ସୁମାତ୍ରାର ପୂର୍ବ ଏବଂ ପଶ୍ଚିମ ଉପକୂଳରେ ଅବସ୍ଥିତ, ସେଠାରେ ମତ୍ସୁଆ, ଅଳ୍ପ ଧନ ଦ୍ୱାରା ପାରମ୍ପରିକ ମାଛ ଚାଷୀ ଏବଂ ଯେଉଁ ମାନେ ଆଧୁନିକ ଯନ୍ତ୍ରପାତି ସାହାଯ୍ୟରେ ମାଛ ଧରୁଥିଲେ ସେମାନଙ୍କ ମଧ୍ୟରେ ବିବାଦ ଦେଖା ଦେଲା । ଏହା ଏଥିପାଇଁ ହେଲା କାହିଁକିନା ସେଠାରେ ଉପକୂଳ ଓ ସାମୁଦ୍ରିକ ସଂପଦକୁ ରକ୍ଷା କରିବା ପାଇଁ କୌଣସି ପଦ୍ଧତି ବା ନିୟମ ତିଆରି କରାଯାଇ ନଥିଲା ।

**ସଂପ୍ରଦାୟ ଲୋକଙ୍କର ପରିସ୍ଥିତି ଓ ଜୀବିକା ଉପରେ କିଛି ପ୍ରଶ୍ନ ପଚରାଗଲା ।**

* କିପରି ଭାବରେ ସାହାଯ୍ୟ ଦ୍ୱାରା ସମାଜର ଲୋକଙ୍କର ପ୍ରବେଶକୁ ବୃଦ୍ଧି କରାଯାଇ ପାରିବ ଏକ ସଂପ୍ରଦାୟର ଉପକୂଳ ସଂପଦର ଉନ୍ନତ ପରିଚାଳନା ପାଇଁ ?
* କେଉଁ ଶିଳ୍ପ କୌଶଳ ଉପକୂଳ ସଂପଦର ବ୍ୟବହାର ନିମନ୍ତେ ସ୍ଥାନିୟ ପ୍ରଥା ଓ ମୂଲ୍ୟବୋଧକୁ ଅନୁମତି ଦିଏ ?
* କିପରି ପାରମ୍ପରିକ ପ୍ରଥାରେ ଉପକୂଳବର୍ତ୍ତୀ ଲୋକମାନେ ଉପକୂଳ ସଂପଦକୁ ବ୍ୟବହାର ଓ ପରିଚାଳନା କରନ୍ତି, ମୁଖ୍ୟ ସମାଜର ଦୃଷ୍ଟିରେ ?
* କିପରି ସ୍ଥାନୀୟ ସଂପ୍ରଦାୟ ମାନେ ପ୍ରାକୃତିକ ସଂପଦକୁ ବ୍ୟବହାର କରନ୍ତି ଏବଂ କିପରି ପରିବର୍ତ୍ତନକୁ ସ୍ୱିକାର କରନ୍ତି ଏବଂ ଆଧୁନିକତାକୁ କିପରି ଦାବି କରନ୍ତି ?

### ନିୟମ ଏବଂ ଦୃଢ଼ ବିଶ୍ୱାସ

ପରିଚାଳନାର ବିଭିନ୍ନ ପ୍ରକାର ନିୟମକୁ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଲାଗୁ କରାଯାଇଛି, ପ୍ରାକୃତିକ ସଂପଦକୁ ବ୍ୟବହାର କରିବା ପାଇଁ ସେମାନେ ଏହା ଦେଶ, ଅଞ୍ଚଳ ବା ସ୍ଥାନୀୟ ସରକାର ଦ୍ୱାରା ନିୟମ ସମ୍ମତ କରିପାରୁଥିଲେ । ଯାହାକି ମେନ୍‌ଗ୍ରୋଭ (ବାକାଉ) ଅଞ୍ଚଳର ଉପକୂଳ ସଂପଦ ଅଥବା ଇଣ୍ଡୋନେସିଆର ଚତୁର୍ପାର୍ଶ୍ୱର ସମୁଦ୍ରରେ ଦେଖାଯାଏ । ସେମାନେ ଏ ନିୟମକୁ ବଦଳାଇ ମଧ୍ୟ ପାରୁଥିଲେ, ସଂପ୍ରଦାୟ ମାନଙ୍କ ଦ୍ୱାରା ନିୟମ ବଦଳା ଯାଉଥିଲା ସମୁଦ୍ର ଏବଂ ଉପକୂଳବର୍ତ୍ତୀ ସଂପଦର ବ୍ୟବହାର ପାଇଁ ।

ଉଦାହରଣ ସ୍ୱରୂପ ପ୍ରବାଳ ପଥର ଗୁଡ଼ିକ ବହୁସଂଖ୍ୟାରେ ବାହାର କରିବାର ଅନୁମତି ନାହିଁ, କିନ୍ତୁ ବ୍ୟକ୍ତି ବିଶେଷର ପ୍ରୟୋଜନରେ ନିଆଯାଇପାରେ କାହିଁକିନା ପ୍ରବାଳ ବାହାର କରି ନେବା ଦ୍ୱାରା ବାକାଉ କ୍ଷତିଗ୍ରସ୍ତ ହୁଏ । ଏହି ନିୟମ ଭଙ୍ଗ କରାଯାଉଥିବା ବ୍ୟକ୍ତିକୁ ସ୍ଥାନୀୟ ଲୋକମାନେ ସାକ୍ଷ ପ୍ରମାଣ ସହ ସଂପ୍ରଦାୟର ମୁଖିଆ ପାଖକୁ ଆଣିଥାନ୍ତି, ଏହା ଦର୍ଶାଇଥାନ୍ତି ଯେ ପ୍ରବାଳ ପଥର ଗୁଡ଼ିକ ବହୁ ପରିମାଣରେ ଗୃହନିର୍ମାଣ କାର୍ଯ୍ୟ ପାଇଁ ନିଆଯାଉଛି । ସ୍ଥାନୀୟ ଲୋକଙ୍କର ବଳପୂର୍ବକ ବାଧା ସୃଷ୍ଟି କରିବା ଦ୍ୱାରା ସଂପ୍ରଦାୟ ମଧ୍ୟରେ ଏହି ସଂପଦର ଉପଯୋଗୀତା ବିଷୟରେ ଜ୍ଞାନ ହେଉଛି । ଏହି ନିୟମର ସୁଫଳ ଏକ ବିଶ୍ୱାସ ଉପରେ ନିର୍ଭର କରେ ଯେ ଲୋକମାନେ ଏହାକୁ ପାଳନ କରିବେ ।

### ସଂପଦ, ଆଧୁନିକରଣ ଏବଂ ପରମ୍ପରାଗତ

ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ମାଛ, ବାକାଉ (ଏକ ପ୍ରକାରର ବୃକ୍ଷ) ଏବଂ ପ୍ରବାଳ ପଥର ଏହା ଏକ ଉଦାହରଣ ଯାହା ଉପକୂଳ ଓ ସମୁଦ୍ର ସଂପଦ ଭାବରେ ମାଛୁଆ ମାନେ ବ୍ୟବହାର କରିଥାନ୍ତି । ବାହାର ଲୋକ ମାନଙ୍କର ପ୍ରବେଶ ଦ୍ୱାରା ଉପକୂଳ ଓ ସମୁଦ୍ରର ପରିବେଶ ସନ୍ତୁଳନ କ୍ଷତିଗ୍ରସ୍ତ ହେଉଛି । ଉଦାହରଣ ସ୍ୱରୂପ ମାଛ ଧରିବା ପାଇଁ ବ୍ୟବହୃତ ହେଉଥିବା ପୁକତ୍ ଲେଫ୍‌ଗୀ (ସୁକ୍ଷ୍ମ ଜାଲ) ଏବଂ ବମ୍ । ଏହାର ପରିଣାମ ସ୍ୱରୂପ ପ୍ରବାଳ ପଥର ଓ ମତ୍ସ୍ୟ ସଂପଦର କ୍ଷତି ହୋଇଥାଏ ଏବଂ ଉତ୍ପାଦନ କମି ଯାଇଥାଏ । ଆଧୁନିକିକରଣ ଦ୍ୱାରା ଲୋକ ମାନଙ୍କର ସୁଖ ସୁବିଧାର ଉନ୍ନତିର ସ୍ୱପ୍ନ ପୁରା ହୋଇପାରୁନାହିଁ ।

ଉନ୍ନତି ଏବଂ ଶିଳ୍ପ କୌଶଳର ପ୍ରାରମ୍ଭ ଦ୍ୱାରା ଉପକୂଳର ମଛୁଆ ମାନଙ୍କର ନୈତିକ ମୂଲ୍ୟବୋଧ ଏବଂ ପରମ୍ପରାକୁ ସଂକୁଚିତ କଲା ସାମାଜିକ ରୁପ ରେଖାକୁ ପରିବର୍ତ୍ତନ କରିବାରେ ଯାହାକି ସଂପୁର୍ଣ୍ଣ ନିର୍ଭର କରୁଥିଲା ପ୍ରାକୃତିକ ସଂପଦର ପ୍ରଚୁରତା ଉପରେ ।

**ପରିବର୍ତ୍ତନ ଏବଂ ପ୍ରୟୋଜନ ଅନୁରୁପ**

ଏହି ସମସ୍ତ ପରିବର୍ତ୍ତନର ଫଳ ସ୍ୱରୁପ, ପାରମ୍ପରିକ ଭାବରେ ହେଉଥିବା ଉପକୂଳ ସଂପଦର ରକ୍ଷଣା ବେକ୍ଷଣ ଭୟଭୀତ ହେଲା କାହିଁକିନା ବାହାରିଆ ଲୋକମାନେ ଅଧିକ ଅର୍ଥଶକ୍ତି ଓ ଆଇନ ଦ୍ୱାରା କ୍ଷମତା ପାଇ ଆସିଲେ । ଏହାର କ୍ଷତି ସ୍ୱରୁପ ସ୍ଥାନୀୟ ଅର୍ଥନୀତି ହ୍ରାସ ପାଇଲା ବୋଲି ସ୍ଥାନୀୟ ସଂପ୍ରଦାୟ ଅନୁଭବ କଲେ । ଲୋକମାନେ ଅନାଗ୍ରହି ହୋଇଗଲେ ସେମାନଙ୍କର ପାରମ୍ପରିକ ସତ୍ୟ ଉପରେ ଆସ୍ଥା ରହିଲା ନାହିଁ ।

**ଏହି ପରିଣାମରୁ ବାହାରିବା ପାଇଁ ପରିବର୍ତ୍ତନର ରାସ୍ତା ଖୋଜିଲେ ଏବଂ ଗ୍ରହଣ କଲେ ।**

* ବର୍ତ୍ତମାନ ମାଛ ଚାଷର ଅନେକ ଉପାୟ ବାହାରିଲାଣି ଯେପରି କେରାମବା (ଭାସମାନ ପଞ୍ଜୁରୀ) ଏବଂ ଟାମ୍ବୁନ୍ ବା ରୁମ୍ପନ୍ (ମାଛର ବାସସ୍ଥାନ) ବ୍ୟବହାର କରିବା ।
* ଲୋକମାନେ ମଛୁଆ ସଂଗଠନ ଗଠନ କରୁଛନ୍ତି ଶକ୍ତିଶାଳୀ ଦଳ ହେବାପାଇଁ ।
* ସେମାନେ ମାଛ ଧରିବାର ବିଭିନ୍ନ ଯନ୍ତ୍ରପାତି ବ୍ୟବହାର କରୁଛନ୍ତି ଏବଂ ନିଜ ଅଞ୍ଚଳରେ ସିମିତ ମାଛ ଧରୁଛନ୍ତି ।
* ଉପକୂଳ ସଂପଦ ଉପରେ ହେଉଥିବା ବିବାଦକୁ ଯାହାକି ସ୍ଥାନୀୟ ଲୋକ ଏବଂ ଆଗନ୍ତୁକ ମାନଙ୍କ ମଧ୍ୟରେ ହେଉଛି ତାର ମିମାଂସା ପାଇଁ ଚେଷ୍ଟା ଚାଲିଛି ।

  **ଉଦାହରଣ ସ୍ୱରୁପ –** ସରକାରଙ୍କ ପାଖରେ ଦାବି ସବୁ ରଖାଯାଉଛି । ସ୍ଥାନୀୟ ନିୟମ ସବୁ ତିଆରି ହେଉଛି । ଆଲୋଚନା କରାଯାଉଛି ପୁଣି ଜଗୁଆଳି ଦ୍ୱାରା ସମୁଦ୍ରକୁ ପହରା ଦିଆଯାଉଛି ।
* ପାରମ୍ପରିକ ମଛୁଆ ମାନଙ୍କର ବାହର ବ୍ୟବସାୟୀ ମାନଙ୍କ ପ୍ରତି ଓ ସରକାର ପ୍ରତି କଣ ଚିନ୍ତାଧାରା ତାହା ବୁଝିବା ପାଇଁ ଚେଷ୍ଟା କରାଯାଉଛି ଏବଂ ଏମାନଙ୍କ ପ୍ରତି ବିଶ୍ୱାସ ମଧ୍ୟ ଜାଗୃତ କରାଯାଉଛି ।
* ସଂପ୍ରଦାୟ ମଧ୍ୟରେ ଯାତାୟାତ ଓ ବିଦ୍ୟୁତ ସରବରାହକୁ ସୁକୌଶଳ ଭାବରେ ପରିଚାଳନା କରି ପାରମ୍ପରିକ ମାଛୁଆ ମାନଙ୍କ ପାଇଁ ପରିବେଶକୁ ଉପଯୋଗୀ କରିବାର ଆଶା ଅଛି ।

ଏହି ପ୍ରବନ୍ଧରେ ବର୍ଣ୍ଣିତ ଅଧିକାଂଶ ଚେଷ୍ଟା ଏବଂ ପାରସ୍ପରିକ କ୍ରିୟା 'ସାମାଜିକ ମୂଳଧନ ବୃଦ୍ଧି' ପାଇଁ କରାଗଲା । ଏହା ଉପକୂଳବର୍ତ୍ତୀ ସଂପଦର ପରିଚାଳନା, ପାରମ୍ପରିକ ରୀତିରେ ପ୍ରତିଷ୍ଠାନ କରିବାରେ ସାହାଯ୍ୟ କରିବ ଯାହାକି ପାରମ୍ପରିକ ବ୍ୟବସ୍ଥାକୁ ଉପଯୋଗୀ କରିବ, ଆଧୁନିକ ପ୍ରତିଦ୍ୱନ୍ଦିତାର ମୁଖାପେକ୍ଷା କରିବାପାଇଁ । ଏହାର ସଫଳତା ବିଶେଷ ଭାବରେ ନିର୍ଭର କରୁଛି କିପରି ବ୍ୟବସାୟୀ ଦଳ ଗୁଡ଼ିକ ପରସ୍ପର ଉପରେ ବିଶ୍ୱାସ ରଖିବା ପାଇଁ ଶିଖିବେ ।

ଟାବିଥା ୟୁଲିଟା spark ଇଣ୍ଡୋନେସିଆ ସହିତ ଏକ ସହ କାର୍ଯ୍ୟକ୍ରମ ଅଧିକାରୀ । ସିଏ ବାଲି ଇଣ୍ଡୋନେସିଆରେ ବାସ କରନ୍ତି, ତାଙ୍କ ସହିତ ଯୋଗାଯୋଗ ପାଇଁ – <spark@vsoint.org>.

ଏହି ପ୍ରବନ୍ଧଟି ଇଣ୍ଡୋନେସିୟାନ NGO P3MN ଦ୍ୱାରା 2002ରେ ଉତ୍ତର ସୁମାତ୍ରା ମେଡ଼ାନ୍‌ର ଗବେଷଣା କାର୍ଯ୍ୟକ୍ରମ ଉପରେ ଆଧାରିତ । ଏହି ଗବେଷଣା କାର୍ଯ୍ୟ ସାମାଜିକ ମୂଳଧନକୁ ଆଧୁନିକିକରଣର ବିପକ୍ଷରେ ସାଂପ୍ରଦାୟୀକ ଉପକୂଳ ସଂପଦ ପରିଚାଳନାକୁ ଉପଯୋଗୀକରି ଛିଡ଼ା କରିବା ଉପରେ କରାଯାଇଥିଲା । ଏହି ଗବେଷଣାର କେନ୍ଦ୍ର ଥିଲା ବାତାହାନ୍ ଗ୍ରାମ, ବାତାହାନ୍ ଜିଲ୍ଲା ଉତ୍ତର ସୁମାତ୍ରାର ପଶ୍ଚିମ ତଟ ଏବଂ ଜାରିଙ୍ଗ ହାଲୁସ ଗ୍ରାମ ସିକାଙ୍ଗ୍ ଗାଙ୍ଗ ଜିଲ୍ଲା ପୂର୍ବ ତଟ ।

## ଅନୁସରଣ ଏବଂ ମୂଲ୍ୟାଙ୍କନ ପଦ୍ଧତିରେ ସାଂପ୍ରଦାୟୀ ମାଛ ଚାଷ ପାଇଁ ଯୋଜନା


ହେଇଦାର୍ ଏୟାରଲି ଏବଂ ହାଇକୋ ମିଲିସ୍

### ଏକ ପଥ ପ୍ରଦର୍ଶକ ଯୋଜନା

ସାଂପ୍ରଦାୟୀକ ମାଛ ଚାଷ ସଂମ୍ବନ୍ଧିୟ ସୂଚନା ସଂଗ୍ରହ ଓ ପରିଚାଳନା ଦ୍ୱାରା କମ୍ବୋଡ଼ିଆର ସିଏଫ୍‌ଡିଓ ଆଶା କରୁଛି ପ୍ରାକୃତିକ ସଂପଦକୁ ବଞ୍ଚାଇ ରଖିବା ପରି ବୁଝାମଣା ଦ୍ୱାରା ଏହାକୁ ପ୍ରାଣ ଧାରଣର ଜିବିକା ପାଇଁ ବ୍ୟବହାର କରାଯାଇ ପାରିବ । ଇଦାନିଂ ଏକ ପଥପ୍ରଦର୍ଶକ ଯୋଜନା ସିଏଫ୍‌ଡିଓ, ଏଫଏଲ୍‌ଡି, ଭିଏସ୍ ଓ ଏବଂ ଷ୍ଟ୍ରିମ୍ ର ସହଯୋଗରେ କାମ ଫଗଚାଙ୍ଗ, କାନ୍ତାଲ ଏବଂ କ୍ରେଟି ଅଞ୍ଚଳରେ ପରିଚାଳିତ କରାଯାଇଛି । ଏହି ଯୋଜନା ସିଏଫ୍‌ଡିଓକୁ ସକ୍ଷମ କଲା ସଂଗ୍ରହ ଏବଂ ଭାଗୀଦାର ତଥ୍ୟର କଳାକୌଶଳ ଅନୁସନ୍ଧାନ କରିବା ପାଇଁ ଏବଂ ସାଂପ୍ରଦାୟୀ ମାଛ ଚାଷ ଉପରେ ଅନୁସରଣ ଓ ମୂଲ୍ୟାଙ୍କନ ତଥ୍ୟବିତ୍ ଗଠନ କରାଗଲା । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ, ତଥ୍ୟ ସଂଗ୍ରହ କରିବା ଛଡ଼ା ପଦ୍ଧତିକୁ ଚଳାଇବା । ଏକ ବାସ୍ତବ ପ୍ରକ୍ରିୟା ଗଠନ କରାଗଲା ସାଂପ୍ରଦାୟୀ ମାଛ ଚାଷାର ସ୍ଥାନ ଏବଂ ସ୍ଥାୟୀତ୍ୟକୁ ଚିହ୍ନଟ କରିବା ଓ ଲିପିବଦ୍ଧ କରିବା । ଏକ ପର୍ଯ୍ୟବେକ୍ଷକ ଯିଏକି ସହ ପରିଚାଳନାରେ ହେଉଥିବା କାର୍ଯ୍ୟକ୍ରମ ଓ ବିବାଦ ଉପରେ ନଜର ରଖିବେ, ପରିଦର୍ଶନ ସମୟରେ ମାଛ ଚାଷରେ ହେଉଥିବା କାର୍ଯ୍ୟ ଓ ଉନ୍ନତିରେ ସାହାଯ୍ୟ ପ୍ରଦାନ, ତଥ୍ୟବିତ୍ ମାନଙ୍କୁ ନିୟମିତ ଭାବରେ ତାଜା ସଂବାଦ ପହଁଞ୍ଚାଇବା ସାଂପ୍ରଦାୟିକ ମାଛ ଚାଷର ଯୋଜନାକୁ ସାହାଯ୍ୟ ପ୍ରଦାନ କରୁଥିବା ଅନୁସରଣ ଓ ମୂଲ୍ୟାଙ୍କନ ତଥ୍ୟବିତ୍ ସହିତ ସଂପର୍କ ହୋଇପାରିବ ଷ୍ଟ୍ରିମ୍‌ର Website ଦ୍ୱାରା ।

### ଜଳଜ ସଂପଦର ପ୍ରବେଶ ପଥରେ ସୁଯୋଗ ଏବଂ ପ୍ରତିଦ୍ୱନ୍ଦିତା

କମ୍ବୋଡ଼ିଆରେ ମିଠା ଜଳକୁ ବାନ୍ଧି ରଖି ମାଛ ଚାଷ କରିବାର ପରିଚାଳନା, ଖାଦ୍ୟ ସଂରକ୍ଷଣ, ଆୟର ସୃଷ୍ଟି ଏବଂ ଜିବିକା ବଞ୍ଚାଇ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ଯୋଜନା ବହୁ ପରିମାଣରେ ମାଛ ଯୋଗାଇ ଥାଏ । ସେହି ଗରିବ ମତ୍ସଜୀବି ମାନଙ୍କୁ ଯେଉଁମାନେ କି ତାଙ୍କର ବିଭିନ୍ନ ପ୍ରକାର ଜିବିକା ପାଇଁ ଜଳିୟ ସଂପଦ, ନଦୀ, ହ୍ରଦ ଓ ବନ୍ୟା ଜଳରେ ପ୍ଲାବିତ ଜଙ୍ଗଲ ଉପରେ ନିର୍ଭର କରନ୍ତି । କମ୍ବୋଡ଼ିଆର ଗରିବ ଲୋକ ମାନେ ଯେଉଁ ମାନେ ଜଳଜ ସଂପଦ ଉପରେ ନିର୍ଭର କରନ୍ତି, ସେମାନଙ୍କର ବିଶେଷ ଅସୁବିଧା ହୋଇଥାଏ ମାଛ ମାରିବା ସ୍ଥାନରେ ପ୍ରବେଶର ଅଧିକାର, ଗରିବ ଲୋକ ତାଙ୍କ କାର୍ଯ୍ୟକାରୀ ପ୍ରତିନିଧି ସହ ଯୋଗାଯୋଗ କରିବାରେ । ଅନେକ ବ୍ୟବସାୟୀକ ମାଛ ଚାଷ ଲୋପ ପାଇଛି ଯାହାକି ଗରିବ ଜଳଜ ସଂପଦ ଉପରେ ନିର୍ଭର କରୁଥିବା ଲୋକ ମାନଙ୍କ ପାଇଁ ଏକ ସୁଯୋଗ ଆଣି ଦେଇଛି ଯେପରି ସେମାନେ ନିଜର ଜିବିକା ପାଇଁ ଆଇନ ଗତ ଭାବରେ ଅଧିକାର ଜମାଇ ପାରିବେ । ଅନେକ ଗରୀବ ଜଳଜ ସଂପଦ ବ୍ୟବହାରକାରୀ ଏଥିରୁ ଲାଭବାନ୍ ହୋଇପାରୁନାହାଁନ୍ତି କାହିଁକିନା ସହପରିଚାଳକ ସହିତ ସଂପ୍ରଦାୟର ଅକାର୍ଯ୍ୟକାରୀ ଯୋଗାଯୋଗ ପାଇଁ । ଜଳ ସଂପଦର ସହ ପରିଚାଳକ ଆଗାମି ପିଢ଼ିକୁ ସୁଯୋଗ ଦେଉଛନ୍ତି ।



**ଜଳ ସଂପଦର ସହ–ପରିଚାଳକ ଆଗାମୀ ପିଢ଼ିକୁ ସୁଯୋଗ ଦେଉଛନ୍ତି ।**

### ସହ–ପରିଚାଳନାକୁ ନେତୃତ୍ୱ ଓ ମୂଲ୍ୟନିରୁପଣର ସାହାଯ୍ୟ ଯୋଗାଇବା :–

ସହ ପରିଚାଳନାକୁ ଏକ ସମଷ୍ଟିବୋଧକ, ପ୍ରତିନିଧି ମାନଙ୍କ ମଧ୍ୟରେ ଏକ ନିୟମିତ ନିଷ୍ପତ୍ତି ମୂଳକ ପ୍ରକ୍ରିୟା, (ଗୋଷ୍ଠୀ ମତ୍ସଚାଷୀ ସଭ୍ୟମାନେ), ସରକାରୀ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ସହାୟକ ଦଳ ବୋଲି ଗଣ୍ୟ କରାଯାଏ । ଗୋଷ୍ଠୀ ମତ୍ସଚାଷ ସେମାନଙ୍କ ନିଜ ସହ ପରିଚାଳନା ନିୟନ୍ତ୍ରଣକୁ ଉନ୍ନତିମୂଳକ କରାଇବା ପାଇଁ ବୈଧାନିକ କ୍ଷମତା ଦେଇସାରିଛନ୍ତି । ଯଦି ସ୍ଥାନୀୟ ଗୋଷ୍ଠୀ ଉତ୍ତମ ଦକ୍ଷପୂର୍ଣ୍ଣ ଭାବେ ଶାସନ ପରିଚାଳନା କରେ ତେବେ ଗୋଷ୍ଠୀ ପରିଚାଳନା ନିଜର ସ୍ଥିତି ବଜାଇ ରଖିପାରିବ, ଏବଂ ମନୁଷ୍ୟ–କେନ୍ଦ୍ରୀଭୂତ ଉପାୟ ପ୍ରତି ।

କାମ୍ବୋଡ଼ିଆରେ ଥିବା ସିଏଫ୍‌ଡିଓ (CFDO) ମ୍ୟାନେଜ୍‌ମେଣ୍ଟ କମ୍ୟୁନିଟିର ଲକ୍ଷ୍ୟ ହେଲା ଯେ କିପରି ଗ୍ରାମ୍ୟ ଦରିଦ୍ର ଲୋକମାନଙ୍କର ଜୀବନ ଧାରଣର ଉନ୍ନତି କରାଇବା । CFDOର ଲକ୍ଷ୍ୟ ଦକ୍ଷ, ସ୍ଥିତିବାନ୍ ଏବଂ ନ୍ୟାଯ୍ୟ ଜଳସମ୍ପଦ ପ୍ରତି ପରିଚାଳନା–ସହକର୍ମୀ ଭାବେ କାର୍ଯ୍ୟ କରି ସାହାଯ୍ୟ ଯୋଗାଇବା ଅଟେ । ସିଏଫ୍‌ଡିଓର ମତ୍ସ୍ୟଚାଷକୁ ସହ ପରିଚାଳନା କରିବାକୁ କ୍ଷମତା ଅଛି ଏବଂ ଏହା ଆଞ୍ଚଳିକ କର୍ମଚାରୀମାନଙ୍କୁ ଯେଉଁମାନେ ଗୋଷ୍ଠୀ ମତ୍ସ୍ୟଚାଷ ସହ ସଂପୃକ୍ତ ସେମାନଙ୍କୁ ସାହାଯ୍ୟ ଯୋଗାଇଥାଏ, ଏହା ଗୋଷ୍ଠୀ ମତ୍ସ୍ୟ ଚାଷ ଉପରେ ଉତ୍ତମ ବୁଝାମଣାର ପ୍ରଭାବ ପକାଇଥାଏ ।

### ସହଭାଗୀ ଭାବେ ତଥ୍ୟ ସଂଗ୍ରହ କରିବାର ଏକ ପଦ୍ଧତି

ପଥ ପ୍ରଦର୍ଶକ ଯୋଜନାର ଉଦ୍ଦେଶ୍ୟ ଥିଲା ପଦ୍ଧତି ଗୁଡ଼ିକର ପରୀକ୍ଷା କରିବା କିନ୍ତୁ ସୂଚନା ସଂଗ୍ରହ କରିବାର ଅବ୍ୟର୍ଥ୍ୟ ପ୍ରତିକାର ନଥିଲା । ଏହି ଉପାୟ ସହ–

୬. କମ୍ୟୁନିଟି ଫିସେରିଜ୍ ଡ଼େଭେଲପ୍‌ମେଣ୍ଟ ଅଫିସ୍ ଅଫ୍ ଦି ଡ଼ିପାର୍ଟମେଣ୍ଟ ଅଫ୍ ଫିସେରିଜ୍ (DOF)

୭. ଫାରମାର ଲାଇଭଲିହୁଡ୍ ଡ଼େଭେଲପ୍‌ମେଣ୍ଟ, କାମ୍ବୋଡ଼ିଆ ର ଗୋଟିଏ ସ୍ୱୟଂ ସେବି ସଂସ୍ଥା ଯାହାକୁ ସ୍ଲେଲ୍ ନାମରେ ଜଣାଯାଏ ।

୮. ଭଲ୍ୟୁଟାରୀ ସର୍ଭିସ୍ ଓଭରସିଜ୍, ୟୁକେ ।

ପରିଚାଳନା ପାଇଁ ନେତୃତ୍ୱ ଏବଂ ମୂଲ୍ୟ ନିରୁପଣ କରିବାର ମୁଖ୍ୟ ସୂଚନା ସଂଗ୍ରହ କରି ଦେବା ପାଇଁ ସକ୍ଷମ ଥିଲା ।

**ଗୋଷ୍ଠୀ ମତ୍ସ୍ୟଚାଷ ସହ ପରିଚାଳନା ତିନିଟି କାର୍ଯ୍ୟକ୍ଷେତ୍ରରେ ବିଭକ୍ତ ।** କେନ୍ଦ୍ର ଦଳ ଗୋଷ୍ଠୀ ସମିତି ଓ ଗ୍ରାମ ନେତା ମାନଙ୍କ ସହ ସାକ୍ଷାତକାର କରନ୍ତି । ଯେଉଁମାନେ ସେମାନଙ୍କୁ ପରିମାଣାତ୍ମକ ତଥ୍ୟ ଚିହ୍ନଟ କରିବାରେ ସାହାଯ୍ୟ କରିଥାନ୍ତି । ଯେତେବେଳେ କି ସହଭାଗୀ ଗ୍ରାମ୍ୟ ନିଜସ୍ୱ କାର୍ଯ୍ୟକ୍ରମ (PRA) ପୁରା ଗ୍ରାମ ସହ ଗୁଣାତ୍ମକ ତଥ୍ୟ ଉପରେ ଆଲୋଚନା କରିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଏହି ପଦ୍ଧତି ସ୍ଥାନୀୟ ଜ୍ଞାନ କୌଶଳର ସମିଶ୍ରଣ ବ୍ୟବହାର ଏବଂ ଏକ ବିଶ୍ୱ ସ୍ତରୀୟ ପ୍ରତିଷ୍ଠା ପଦ୍ଧତି (GPS) ଦ୍ୱାରା ଗୋଷ୍ଠୀ ମତ୍ସ୍ୟଚାଷକୁ ଚିହ୍ନଟ କଲା ଏବଂ ଲିପିବଦ୍ଧ କରିରଖିଲା । ସହ ପରିଚାଳନା ମଧ୍ୟରେ ଥିବା ଦ୍ୱନ୍ଦ ଏବଂ ଯୁଦ୍ଧ ବିରୋଧି ପରିଣାମ ଏସବୁ ଲିଖିତ ହେଲା । ଗୋଟିଏ ଗୋଷ୍ଠୀ ମତ୍ସ୍ୟଚାଷର ବିକାଶ ଏବଂ କାର୍ଯ୍ୟ ନିର୍ବାଚନ କ୍ଷମତାର ପରିବର୍ତ୍ତନ, ପ୍ରଶାସନ ପଦ୍ଧତି, ସଫଳତାର ମତ୍ସ୍ୟଚାଷ ସମ୍ବନ୍ଧୀୟ ଚିନ୍ତାଧାରାର ଜ୍ଞାନ, ନିୟମ ଗୁଡ଼ିକର ବ୍ୟବହାର, ମତ୍ସ୍ୟ ଆଶ୍ରୟ ସ୍ଥଳର ନିର୍ମାଣ, ନିରିକ୍ଷଣ ଦଳର ଗଠନ ଏହି ସବୁ ଦ୍ୱାରା ଅଧିକାରଗତ କରାଗଲା।



**ଗୋଷ୍ଠୀ ଦେଖିବାକୁ ଲାଗିଲା ଯେ କିପରି ସେମାନଙ୍କୁ ସାହାଯ୍ୟ କରିପାରିବେ**

ଏକ ସରଳ ତଥ୍ୟ ତାଲିକା ବର୍ଦ୍ଧିତ କରାଗଲା ଯାହାକି ତଥ୍ୟ ସଂଗ୍ରହ କରି ରଖିବା ପାଇଁ ସମାୟାନୁକ୍ରମିକ, ବୈଦୁତିକ ଭାବେ ବୈଦୁତିକ ଅଗ୍ରଗତି ଏବଂ ବିବରଣୀ ଉତ୍ପାଦନ କରିବାରେ ମଧ୍ୟ ସକ୍ଷମ ହେଲା । ପୁନଶ୍ଚ ତଥ୍ୟ ତାଲିକା ବୃଦ୍ଧିକରଣ ସୂଚନା ଗୁଡ଼ିକୁ ବିଶ୍ଳେଷଣ, ଏକ ବ୍ୟବହାରିକ ଉପସ୍ଥାପନ, ଅଂଶୀଦାରମାନଙ୍କ ମଧ୍ୟରେ ସୁନ୍ଦର ବଣ୍ଟନ ଦିଗରେ ଏହା ସକ୍ଷମ ହେବ ।

**ଦରିଦ୍ର ଲୋକମାନଙ୍କର ଜୀବନଶୈଳୀକୁ ଅନୁସରଣ ଏବଂ ମୂଲ୍ୟାଙ୍କନ ସାହାଯ୍ୟରେ ବୃଦ୍ଧି କରିବା ଦିଗ :–**

ଏହା ସହିତ ଏହି ଯୋଜନା ସମାପ୍ତ କରାଗଲା CFDO ପୁନଶ୍ଚ ଅନୁସରଣ ଏବଂ ମୂଲ୍ୟାଙ୍କନ ଯୋଜନାକୁ ନେବା ପାଇଁ ଚେଷ୍ଟା କଲା, ବିଶେଷ ଭାବରେ ବର୍ତ୍ତମାନ ସେଠାରେ କଣ ଅଛି ତାହା ଜାଣିବା ନିମନ୍ତେ ଆରମ୍ଭ କଲା । ଗ୍ରାମ୍ୟ ମତ୍ସ ଚାଷ ବିଭାଗ ଗୁଡ଼ିକ ଆବଶ୍ୟକୀୟ ତଥ୍ୟ ଯୋଗାଉଛନ୍ତି, ଯାହାକି ସରଳ ଭାବେ ଏକ ଆଧାରିତ ଯୋଜନାରେ ପ୍ରବେଶ କରିଥିଲା । ଉନ୍ନତ ଚିନ୍ତାଧାରାର ଫଳାଫଳ ଗୁଡ଼ିକ ଇଣ୍ଟରନେଟ୍ ସାହାଯ୍ୟରେ ଉପଲବ୍ଧ ହୁଏ **(http. //www.maff.gov.kh/cfdo.html>)** ଯଦିଓ ଏହା ପସନ୍ଦଯୋଗ୍ୟ ନୁହେଁ ସେମାନେ CFDO କର୍ମଚାରୀକୁ ଅନୁସରଣ ଏବଂ ମୂଲ୍ୟାଙ୍କନ ସହାୟତାରେ ଅନୁଭୂତି ଲାଭ କରିବାରେ ସାହାଯ୍ୟ କରିଥିଲେ । ଏହା ପଥ ନିର୍ଦ୍ଦେଶକଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ଏବଂ ମତ୍ସ୍ୟଚାଷ ଗୋଷ୍ଠୀ ଏବଂ କ୍ଷମତା ବୃଦ୍ଧି କରଣର ପ୍ରତିଷ୍ଠାନର ଏକ ସୁବିଧା ଅଟେ । ଏହା ଏପରି ଏକ ଭିନ୍ନ ଧରଣର କିଛି ହେବ ଯାହାକି ତଥ୍ୟ ସହ ସ୍ଥାୟୀ ସମ୍ବଳ ପରିଚାଳନାର ଏକ ସମାନ୍ ବିଷୟ ଯାହାକି ବିସ୍ତାରିତ ଭାବେ ଅର୍ଥପୂର୍ଣ୍ଣ ଅଟେ ।

ୟୁଏନ୍‌ଡିପି[10] ଯୋଜନା "ଟୋନ୍‌ଲେ ସାପ୍ ରିଜନ ମଧ୍ୟରେ ସ୍ଥାୟୀ ଉନ୍ନତି ପାଇଁ କ୍ଷମତା ବୃଦ୍ଧିକରଣ" (ପାର୍ଟ ଅଫ୍ ଦି ଏଡ଼ିବି[11] ଟୋନ୍‌ଲେ ସାପ୍ ଏନ୍‌ଭାର୍‌ମେଣ୍ଟାଲ୍ ମ୍ୟାନେଜ୍‌ମେଣ୍ଟ ପ୍ରୋଜେକ୍ଟ) ର ଦୁଇ କର୍ମଚାରୀଙ୍କୁ ଅନୁସରଣ ଏବଂ ମୂଲ୍ୟାୟନ ବିଭାଗରେ ସାହାଯ୍ୟ କରୁଛି ଏବଂ କେତେକ ଗ୍ରାମ୍ୟ କର୍ମଚାରୀଙ୍କୁ ଟୋନ୍‌ଲେ ସାପ୍ ଲେକ୍ ମଧ୍ୟରେ ଥିବା ତଥ୍ୟ ସଂଗ୍ରହ କରିବାରେ ମଧ୍ୟ ସାହାଯ୍ୟ କରୁଛି । ଏହି ଯୋଜନା ମଧ୍ୟ ସାହାଯ୍ୟ କରୁଛି GPS ଉପକରଣ ଏବଂ GIS[12] ସଫ୍ଟୱେର୍ ସାହାଯ୍ୟକାରୀ ଶିକ୍ଷା ଯୋଗାଇବା ପାଇଁ ଅଧିକନ୍ତୁ ସମାନ୍ ADB ଯୋଜନାର ଗଠନକାରୀ ୨, ଯାହାକି ଆସନ୍ତା ବର୍ଷ ଆରମ୍ଭ ହେବାକୁ ଯାଉଛି ସେଠାରେ ଅନୁସରଣ ଏବଂ ମୂଲ୍ୟାୟନ କାର୍ଯ୍ୟ ପାଇଁ ଏକ ଆୟ–ବ୍ୟୟର ଅଟକଳ ତିଆରି ହେବ । ସେ ଯାହା ବି ହେଉ, ଏହା ଟୋନ୍‌ଲେ ସାପ୍ ଏରିଆ ପାଇଁ ସୀମିତ ହେବ । ଯେଉଁଥିରେ କି CFDOର ଦାୟୀତ୍ୱ ସମଗ୍ର କାମ୍ବୋଡ଼ିଆକୁ କ୍ଷତିରୁ ରକ୍ଷା କରିବ । ଆହୁରି ମଧ୍ୟ CFDO ଅତ୍ୟଧିକ ଜାଗୃତି ଆବଶ୍ୟକରେ, ସେମାନେ ହେଲେ ବିଭିନ୍ନ ଅଂଶୀଦାର ମାନଙ୍କର ଆବଶ୍ୟକୀୟ ସୂଚନା ଯାହାକି ସ୍ଥାନୀୟ, ଗ୍ରାମ୍ୟ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟକରେ ।

ଗୋଷ୍ଠୀ ମତ୍ସ୍ୟଚାଷୀ ଏପର୍ଯ୍ୟନ୍ତ ସୁଦ୍ଧା ଦକ୍ଷତା ମଧ୍ୟରେ ଏକ ବିରାଟ ଭିନ୍ନତା ଏବଂ ଅନେକ ସମିତି ଗୁଡ଼ିକ ମଧ୍ୟରେ ଥିବା ବୁଝାମଣାରେ ସେମାନେ ଶୈଶବାବସ୍ଥାରେ ଅଛନ୍ତି । ଯାହାବି ହେଉ, ପୁନର୍ବାର ଉନ୍ନତି ନିମନ୍ତେ ସେମାନଙ୍କର ନିଜର କାର୍ଯ୍ୟ ପାଇଁ ଏକ ସ୍ୱଚ୍ଛ ମୂଲ୍ୟବୋଧ ପାଇଁ ସେଠାରେ କେତେ ଗୁଡ଼ିଏ ଦକ୍ଷ ମଣ୍ଡଳୀ ଅବସ୍ଥାପିତ ଅଛି ।

ହାଇଦାର ଏୟାରଲି ହେଉଛନ୍ତି ଭିଏସ୍‌ଓର ଜୀବିକା ନିର୍ବାହନ ଦଳର ଉପଦେଶ ଦାତା ଯେକି ଏଫ୍‌ଏଲ୍‌ଡ଼ି କମ୍ବୋଡ଼ିଆରେ ସ୍ଥିତ । ତାଙ୍କର ଯୋଗାଯୋଗ ଠିକଣା ହେଲା <012809091@mobitel.com.kh>,ହାଇକୋ ମିଲିସ୍ ହେଉଛନ୍ତି ଭିଏସ୍‌ଓର ଯୋଗାଯୋଗ ଉପଦେଶ ଦାତା ଯିଏ କି ସିଏଫ୍‌ଡିଓ କମ୍ବୋଡ଼ିଆରେ ସ୍ଥିତ ତାଙ୍କର ଯୋଗାଯୋଗ ଠିକଣା ହେଲା <info@hoikomeelis.com>

---

୯ GPS ତଥ୍ୟ ସଂଗ୍ରହ ନିର୍ଭର କରେ ଜ୍ଞାନ ଏବଂ ଯନ୍ତ୍ରପାତି ଉପରେ । ମତ୍ସ୍ୟ ବିଭାଗର ଚେଷ୍ଟା ଅନେକ ସମୟରେ ଅର୍ଥ ପାଇଁ ସିମିତ ହୋଇଯାଏ ।

୧୦ ୟୁନାଇଟେଡ୍ ନେସନ୍‌ସ ଡେଭଲପମେଣ୍ଟ ପ୍ରୋଗାମ ।

୧୧ ଏସିୟାନ୍ ଡ଼େଭଲପ୍‌ମେଣ୍ଟ ବେଙ୍କ ।

୧୨ ଜିଓ ଗ୍ରାଫିକ୍ ଇନ୍‌ଫରମେସନ୍ ସିସ୍‌ଟମ ।

# ସୂଚନା ସଂଗ୍ରହ ପର୍ଯ୍ୟବେକ୍ଷଣ ଦ୍ୱାରା ଯୋଗ୍ୟ ଅଂଶଧାରୀମାନଙ୍କର ପ୍ରୟୋଜନ ଓ ସୁପାରିଶ୍‌କୁ ଚିହ୍ନଟ କରିବା

ଏଲିଜାବେଥ୍ ଏନ୍ ଗୋନ୍‌ଜେଲେସ୍, ମେଲିନି ପ୍ଲେସିଙ୍ଗ୍ ଏବଂ ଏରୱିନ୍ ଏଲ୍ ପେଡ଼ର୍

**ସୂଚନା ସଂଗ୍ରହ ପର୍ଯ୍ୟବେକ୍ଷଣ –**

ଫିଲିପାଇନ୍‌ସରେ ଗଢ଼ି ଉଠିଥିବା ସରକାରୀ ଅନୁଷ୍ଠାନ ବିଶ୍ୱାସ କରନ୍ତି ଯେ ମତ୍ସ୍ୟଚାଷ ରକ୍ଷଣର ପ୍ରତିକୂଳ ଅବସ୍ଥା ଏବଂ ଉପକୂଳବର୍ତ୍ତୀ ସଂପ୍ରଦାୟର ମଧ୍ୟରେ ଥିବା ଦାରିଦ୍ରତା ମୁଖ୍ୟତଃ ଉପକୂଳବର୍ତ୍ତୀ ଗୋଷ୍ଠୀର ସମ୍ପଦ ପରିଚାଳନା ଉପରେ ପର୍ଯ୍ୟବେସିତ, (CBCRM) । ଫଳରେ CBCRMସମସ୍ତ ଜଳକୃଷି ସଂପଦର ଅଂଶାଧିକାରୀମାନଙ୍କ ଦ୍ୱାରା ଗଭୀର ପ୍ରଯତ୍ନ ଆବଶ୍ୟକ କରେ । ଏହିପରି ଭାବରେ ଉପଯୁକ୍ତ ସଂଯୋଗସ୍ଥାପନ ସହିତ, ସଂପଦର ପରିକଳ୍ପନା ଏବଂ ଉପକୂଳବର୍ତ୍ତୀ ସଂପ୍ରଦାୟକୁ ସହଯୋଗ ଏବଂ ଅନ୍ୟାନ୍ୟ ଅଂଶାଧିକାରୀ ମାନେ ପ୍ରଭାବଶାଳୀ ଅଟନ୍ତି ।

ଏହାକୁ ମନରେ ରଖି ଏକ ସୂଚନା କାର୍ଯ୍ୟ ପର୍ଯ୍ୟବେକ୍ଷଣ ଫିଲିପିନ୍‌ସ ରାଜ୍ୟରେ ଯାହାକି ୨୦୦୩ରେ କରାଗଲା ଯାହା ଷ୍ଟ୍ରୀମ୍ ଓ ବ୍ୟୁରୋ ଅଫ୍ ଫିସେରିଜ୍ ଏନ୍‌ଡ୍ ଏକ୍ୱାଟିକ୍ ରିସୋର୍ସେସ୍ । ରିଜନ୍ ୬ର[13] ସହଯୋଗରେ ହୋଇଥିଲା । ଏହି ପର୍ଯ୍ୟବେକ୍ଷଣର ଲକ୍ଷ୍ୟ ହେଲା ଯେ–

୧) ଜଳ କୃଷି ସଂପଦ ଏବଂ ମତ୍ସ୍ୟଚାଷ ବିଭାଗ ମଧ୍ୟରେ ଥିବା ମୁଖ୍ୟ ଅଂଶଧାରୀ ମାନଙ୍କର ବିସ୍ତାରିତ ଯୋଗାଇବା ।

୨) ରିଜନ୍ ୬ ମଧ୍ୟରେ ଥିବା ବିଭିନ୍ନ ସଂଯୋଗସ୍ଥାପନକାରୀ ମାଧ୍ୟମର ମୁଖ୍ୟ ବ୍ୟବହାର ଗୁଡ଼ିକର ବାହ୍ୟ ପରିପ୍ରକାଶ କରେ ।

୩) ଅଂଶଧାରୀ ଦଳ, ଅନୁଷ୍ଠାନ ଏବଂ ବିଭିନ୍ନ ଅଞ୍ଚଳରେ ଥିବା ସଂସ୍ଥା ଗୁଡ଼ିକ ମଧ୍ୟରେ ଥିବା ଯୋଗାଯୋଗ ଏବଂ ସୂଚନା ସଂଗ୍ରହକୁ ବର୍ଣ୍ଣନା କରିବା ଏବଂ

୪) ଅଂଶଧାରୀ ମାନଙ୍କୁ ନେଇ କରାଯାଇଥିବା ସୂଚନା ଆଦାନ୍ ପ୍ରଦାନ୍‌ରେ କାର୍ଯ୍ୟକାରୀ ଯୋଜନାକୁ ବର୍ତ୍ତମାନର ଆବଶ୍ୟକତାରେ ଚିହ୍ନଟ କରାଗଲା ।



ଏଫ୍ ଜିଡ଼ି ଅଂଶ ଗ୍ରହଣକାରୀମାନେ ସେମାନଙ୍କର ବିଭିନ୍ନତା ଏବଂ ଛାପିତ ଉପକରଣର ପସନ୍ଦକୁ ଆଲୋଚନା କରୁଛନ୍ତି ।

ଏହି ପର୍ଯ୍ୟବେକ୍ଷଣ ପ୍ରସ୍ତୁତି ପାଇଁ, ସୁଚନାର ଫଳପ୍ରଦ ସମ୍ବଳକୁ ଚିହ୍ନଟ କରାଯାଉଛି । ଏହି ପର୍ଯ୍ୟବେକ୍ଷଣ ସମୟରେ ଜୁନ୍ ୧୧ ରୁ ୨୬ ୨୦୦୩ ଠାରୁ ଏହି ସାକ୍ଷାତ୍‌କାର୍ ମାନିଲା ସହର, ଏବଂ ଲୁଜୋନ୍‌ର ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ପରିଚାଳନା କରାଯାଉଥିଲା । ମୁଖ୍ୟ ସଂବାଦଦାତା ସହିତ ସରକାରି ସଂସ୍ଥାର ପ୍ରତିନିଧିମାନେ, ଜଳ ସମାଜ, ଏବଂ ମୁନିସିପାଲ୍ ସରକାର ଏଥିରେ ଯୋଗ ଦେଇଥାନ୍ତି । ଏଥି ସହିତ ମାଛ ଧରାଳି ଜନସାଧାରଣ ସହି ଫୋକସ୍ ଦଳ ବାଦାନୁବାଦ, ଗ୍ରାମ୍ୟ ଅଧିକ୍ଷକ, ଏବଂ ମତ୍ସ୍ୟ ଧରାଳୀ ଜନସାଧାରଣ ଅନୁଷ୍ଠାନର ପ୍ରତିନିଧିମାନେ ତିନୋଟି ଉପକୂଳବର୍ତ୍ତୀ ପୌରପାଳିକାରେ ପରିଚାଳିତ ହୋଇଥାନ୍ତି ।

**କିଛି ନିର୍ଣ୍ଣୟ ଅବଧାରଣ :–**

ମତ୍ସ୍ୟଚାଷ ଏବଂ ଗୋଷ୍ଠୀ ଜଳକୃଷି ଉନ୍ନତି ପାଇଁ ଆନୁଷ୍ଠାନିକ ସହଯୋଗ ସରକାରୀ ସଂସ୍ଥା ଦ୍ୱାରା ଉପଲବ୍ଧ ହୁଏ । ଅଧିକାଂଶ ସରକାରୀ କର୍ମଚାରୀ ବିଶ୍ୱବିଦ୍ୟାଳୟରେ ଉପାଧିପ୍ରାପ୍ତ ଶିକ୍ଷିତ ଅଟନ୍ତି ଏବଂ ସେମାନେ ଶିଳ୍ପ ବିଜ୍ଞାନ ସମ୍ବନ୍ଧୀୟ ସୂଚନା ଏବଂ ଲିଖିତ ଯୋଗାଯୋଗ ପାଇଁ ଇଂରାଜୀ ଭାଷାକୁ ପସନ୍ଦ କରନ୍ତି । ସମସ୍ତ ସରକାରୀ ନିମ୍ନ କର୍ମଚାରୀ ମାନେ ନିଜନିଜର ସ୍ଥାନୀୟ ଭାଷା ସହିତ ଭାଷା ମଧ୍ୟ ଜାଣନ୍ତି ।

ଫିଲିପିନୋ ଜନ ସମାଜର ସମୟକାଳରେ, ଏନ୍ ଜି ଓ ବିଭାଗରେ ଥିବା ପରିଚାଳନା ସ୍ତରୀୟ କର୍ମଚାରୀମାନେ ମୁଖ୍ୟତଃ ବିଶ୍ୱବିଦ୍ୟାଳୟ ଉପାଧିପ୍ରାପ୍ତ ଶିକ୍ଷିତ ଲୋକ ଥିଲେ ଏବଂ ଇଂରାଜୀ ଭାଷାରେ ଉଚ୍ଚ ପାରଦର୍ଶିତା ଲାଭ କରିଥିଲେ । ଅଧିକାଂଶ ଏନ୍.ଜି.ଓ ଗୁଡ଼ିକ ଲକ୍ଷ ହେଉଛି ଆନ୍ତର୍ଜାତି ପୁଞ୍ଜି ଗଠନ ଏବଂ ଅଧିକାଂଶ ଲୋକ ଇଣ୍ଟରନେଟ୍ ଏବଂ ଇ–ମେଲ୍ ବ୍ୟବହାର କରନ୍ତି । ଜନସାଧାରଣ ଅନୁଷ୍ଠାନର ସଭ୍ୟମାନେ ମୁଖ୍ୟତଃ କେଉଟ, ଯେଉଁମାନେ କି ପ୍ରାଥମିକ ଶିକ୍ଷା ଗ୍ରହଣ କରିଛନ୍ତି, ସେମାନେ ଫିଲିପିନୋରେ ଶିକ୍ଷିତ ଏବଂ ସେମାନଙ୍କ ସ୍ଥାନୀୟ ଭାଷା ମଧ୍ୟ ଜାଣନ୍ତି । ଏବଂ ସେମାନଙ୍କ ସୀମିତ ଇଂରାଜୀ ଜ୍ଞାନ ମଧ୍ୟ ଅଛି । ଗବେଷଣା ସଂସ୍ଥା ମଧ୍ୟରେ, ପାଠ୍ୟ ପୁସ୍ତକ ଗୁଡ଼ିକ ସାଧାରଣତଃ ଇଂରାଜୀ ଭାଷାରେ ଲିଖିତ । ଯାହାକି ସଂଯୋଗ ସ୍ଥାପନ ନିମନ୍ତେ ମୁଖ୍ୟ ଭାଷା ରୂପେ ବିବେଚିତ । ଅଧିକାଂଶ ସ୍ଥାନୀୟ ସରକାରୀ ବିଭାଗ (LGU) କର୍ମଚାରୀ ମାନେ ବିଶ୍ୱବିଦ୍ୟାଳୟରେ ଉପାଧିପ୍ରାପ୍ତ । ଉପକୂଳବର୍ତ୍ତୀ ସଂପ୍ରଦାୟରେ ଶିକ୍ଷିତ ସ୍ତର ଅତି ଉଚ୍ଚରେ ଏବଂ ଅଧିକାଂଶ ମତ୍ସ୍ୟଚାଷୀମାନେ ସେମାନଙ୍କର ଉପାଦାନଗତ ଶିକ୍ଷା ଶେଷ କରିଛନ୍ତି । ସେମାନଙ୍କର ସ୍ଥାନୀୟ ଭାଷା ସହିତ ସେମାନେ ହିଲ୍‌ଗାୟନନ୍ ଏବଂ ଫିଲିପିନୋ ଏବଂ କିଛି ଲୋକ ଇଂରାଜୀ ଭାଷା ମଧ୍ୟ ଜାଣିଛନ୍ତି ।

୧୩. ଷ୍ଟ୍ରୀମ୍ ଫିଲିପାଇନ୍‌ସ ଅଫିସ୍ ରିଜନ୍ ୬ରେ ଥିବା ଲୋଇଲୋ ସହରରେ ଅବସ୍ଥିତ ।

**ସଂଯୋଗ ସ୍ଥାପନକାରୀ ମାଧ୍ୟମ –** ଏଗୁଡ଼ିକ ଏହି ସବୁ ମାଧ୍ୟମକୁ ଅନ୍ତର୍ଭୁକ୍ତ କରେ, ତାହା ହେଉଛି ରେଡ଼ିଓ, ଟେଲିଭିଜନ୍, ସମ୍ବାଦପତ୍ର ଏବଂ ପତ୍ରିକା, ସିନେମା, ମନୋରଞ୍ଜନ ପୁସ୍ତକ, ଭିଡ଼ିଓ, ପାରମ୍ପରିକ ଏବଂ ଲୋକ ମାଧ୍ୟମ ଯେପରିକି ଏବଂ ଉନ୍ନୟନମୂଳକ ସିନେମା ଘର, ଗ୍ରାମ୍ୟ ସୂଚ଼ନା ସମାଚ଼ାର ପୁସ୍ତିକା ଗୁଡ଼ିକ, ସେଲ୍ ଫୋନ୍ ଏବଂ ସୂଚ଼ନା ଶିଳ୍ପକୌଶଳ । ରେଡ଼ିଓ ଏବଂ ଟେଲିଭିଜନ୍ ପ୍ରତ୍ୟେକ ଦଳ ପାଇଁ ଏକ ଜରୁରୀ ଜନପ୍ରସିଦ୍ଧ ମାଧ୍ୟମ । ଏହି ପର୍ଯ୍ୟବେକ୍ଷଣ ଦର୍ଶାଇଲା ଯେ ଗ୍ରାମବାସୀମାନେ ଏଲ୍ ଜି ୟୁ କର୍ମଚ଼ାରୀ, ସରକାରୀ ଏବଂ ଅଣସରକାରୀ କର୍ମଚ଼ାରୀମାନଙ୍କ ଠାରୁ ସୂଚ଼ନା ଗ୍ରହଣ କରନ୍ତି ଏବଂ ସମୟେ ସମୟରେ ପୌରପାଳିକା କୃଷି ଏବଂ ମତ୍ସ୍ୟ ଚ଼ାଷ କର୍ମଚ଼ାରୀ, ଗୋଷ୍ଠୀ ଅନୁଷ୍ଠାନ କର୍ମଚ଼ାରୀମାନଙ୍କ ଠାରୁ, ସ୍ଥାନୀୟ ରାଜନୈତିଜ୍ଞ ମାନଙ୍କଠାରୁ ମଧ୍ୟ ପରାମର୍ଶ ଗ୍ରହଣ କରନ୍ତି ।

**ସୂଚ଼ନାର ପରିବର୍ତ୍ତନ –** ଏହା ସଂସ୍ଥା ଏବଂ କାର୍ଯ୍ୟାଳୟ ବିଭାଗ ଜରିଆରେ ବ୍ୟକ୍ତିଗତ ଭାବେ ପରସ୍ପର ଉପରେ ପ୍ରଭାବ ପକାଇଥାଏ । ଏହା ସାଧାରଣତଃ ଅନୁରୋଧର ଡ଼ାକର ଆବଶ୍ୟକ କରେ ଯାହାକି ସବୁବେଳେ ଇଂରାଜୀ ଭାଷାରେ ଲିଖିତ । ଅଧିକାଂଶ ସୂଚ଼ନା ସଂଯୋଗ ବୋଧେ ସେହିଭଳି ଭାବେ ଅନୁସରଣ କରେ ଏବଂ ଭୂମିରେ ଥିବା ଦୂରସଂଞ୍ଚାର, ମୋବାଇଲ୍ ଫୋନ୍ ଏବଂ ଫ୍ୟାକ୍ସ ବ୍ୟବହାର କରାଯାଏ ।

**ସୂଚ଼ନାକୁ ସଂଗ୍ରହ କରିବା :–** ଉପକୂଳବର୍ତ୍ତୀ ଗୋଷ୍ଠୀ ତତ୍ତ୍ୱର ସହିତ ବିସ୍ତାରିତ ଭାବେ ମତ୍ସ୍ୟଚ଼ାଷୀମାନଙ୍କ ଜ୍ଞାନକୌଶଳ, ଏବଂ ମତ୍ସ୍ୟଚ଼ାଷୀ ଜନସାଧାରଣ ଅନୁଷ୍ଠାନ ଉପରେ ଆଲୋକପାତ କରିଥାଏ । ବିସ୍ତାରିତ ପ୍ରୟୋଗ ନିଯୁକ୍ତି ସଭା ସମିତି, ପତ୍ରିକାର ବଣ୍ଟନ, ଏବଂ ପୋଷ୍ଟର୍ (ସାଧାରଣତଃ ଇଂରାଜୀ ଭାଷାରେ) ଏବଂ ପ୍ରାମାଣ୍ୟ କ୍ଷେତ୍ର (ବିଶେଷ କରି ସାମୁଦ୍ରିକ ଦଳ, ଏବଂ ଟିଲାପିଆ ଏବଂ କମ୍ ପାଣିରେ ରହୁଥିବା ମାଛ ଗୁଡ଼ିକର ଘର ପଛ ଆଡ଼େ ଏହି ମତ୍ସ୍ୟ ଚ଼ାଷ କରାଯାଏ)କୁ ଅନ୍ତର୍ଭୁକ୍ତ କରେ ।

ଆବଶ୍ୟକତା ଏବଂ ଉପଦେଶ

ଅନୁଧ୍ୟାନର ଭତର ଉପରେ, ପ୍ରତ୍ୟେକ ଦର୍ଶକ ଦଳର ବିସ୍ତାରିତ ଆବଶ୍ୟକତା ଗୁଡ଼ିକ ଚ଼ିହ୍ନଟ କରାଗଲେ ପତ୍ରାଳାପ ମାଧ୍ୟମରେ ଉପଦେଶ ଗୁଡ଼ିକ ସୂଚ଼ନା ଦେଲ, ଏବଂ ଅଂଶଧାରୀ ମାନଙ୍କର ଦାୟୀତ୍ୱଗୁଡ଼ିକ ଚ଼ିହ୍ନଟ କରାଗଲା । ମୁଖ୍ୟ ଉପଦେଶ ଏହି ସବୁକୁ ଅନ୍ତର୍ଭୁକ୍ତ କଲା :–

* ମତ୍ସ୍ୟଚ଼ାଷ ଏବଂ ଜଳକୃଷି ବିଭାଗ ମଧ୍ୟରେ ଏକ ଜାତୀୟ ସମର କୌଶଳର ଅଭିବୃଦ୍ଧି ପାଇଁ ଏକ ସହଭାଗି ରିତିର ବିକାଶ ହେବା ଉଚ଼ିତ୍ ।
* ପ୍ରତ୍ୟେକ ବିସ୍ତାର ଲାଭ କରିଥିବା କାର୍ଯ୍ୟଗୁଡ଼ିକ ଅବାଧ ବାୟୁ ପ୍ରବାହ ଉପଯୋଗୀ ଆକାର ବିଶିଷ୍ଟ ହେବା ଉଚ଼ିତ୍ । ଏହା ନିଶ୍ଚିତ ଯେ ତାହା ସମ ଗୁଣର କାର୍ଯ୍ୟ ଗ୍ରହଣ କରେ ।
* ବିସ୍ତାରିତ ସୂଚ଼ନା ଲକ୍ଷଭେଦି ଓ ପୂର୍ବ ପରିକ୍ଷିତ ହେବା ଉଚ଼ିତ୍ ଫଳରେ ଏହା ସଂଯୋଗ ସ୍ଥାପନର କାର୍ଯ୍ୟଦକ୍ଷତାକୁ କରିପାରିବ ।



**(ବାନାଟେ ବେ ସଂପଦ ପରିଚ଼ାଳନା, ପରିଚ଼ାଳନା ପରିଷଦ, ଆଇ ଏନ୍ ସିର ଏଫ୍ ଜି ଡ଼ି ଅଂଶ ଗ୍ରହଣକାରୀ)**

ଉପଦେଶ ଶିକ୍ଷା କରାଗଲା

ସୂଚ଼ନା ସଂଗ୍ରହ ପର୍ଯ୍ୟବେକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯେଉଁଥିରେ କି ଯେକୌଣସି ଉନ୍ନୟନ ମୂଳକ ନେତୃତ୍ୱର ପ୍ରାରମ୍ଭରୁ ପରିଚ଼ାଳନା କରିବା ଉଚ଼ିତ୍ । ଆଇ ଏ ଏସ୍ ଅଂଶଧାରୀ ଏବଂ ଦକ୍ଷ ପଥ ଚ଼ିହ୍ନଟ କରନ୍ତି ଯାହା ସେମାନଙ୍କ ସହ ସଂଯୋଗ ସ୍ଥାପନ କରେ ।

ଆଇ ଏ ଏସ୍ ମଧ୍ୟ ସଂଯୋଗ ସ୍ଥାପନର ଚ଼ିହ୍ନଟ ଏବଂ ଅଂଶଧାରୀ ମାନଙ୍କର ବିସ୍ତାରିତ ଆବଶ୍ୟକତାର ନିର୍ଣ୍ଣୟ ଅବଧାରଣ କରେ ଏବଂ ଚ଼ାତୁର୍ଯ୍ୟମୟ ଯୋଜନା ପାଇଁ ପ୍ରାସଙ୍ଗିକ ସୂଚ଼ନା ଯୋଗାଇଥାଏ । ପ୍ରାକ୍–ପର୍ଯ୍ୟବେକ୍ଷଣ କାର୍ଯ୍ୟଭାର ଦକ୍ଷ ଅଂଶଧାରୀ ମାନଙ୍କ ସହ ପ୍ରାଥମିକ ଜାଲ ପ୍ରସାରରେ ମଧ୍ୟ ସାହାଯ୍ୟୋ କରୁଛି ଏବଂ ପ୍ରାସଙ୍ଗିକ ସୂଚ଼ନାର ଦକ୍ଷ ସମ୍ବଳକୁ ଚ଼ିହ୍ନଟ କରେ ଏବଂ ଏହା ପର୍ଯ୍ୟବେକ୍ଷଣର ସଂସାଧନକୁ ନିଶ୍ଚିତ କରିପାରେ ।

ପର୍ଯ୍ୟବେକ୍ଷଣର ପ୍ରାରମ୍ଭରେ ବାସ୍ତବତାକୁ ପ୍ରାଞ୍ଜଳ ଭାବେ ସୀମାଧାର୍ଯ୍ୟ କରିବା କଷ୍ଟସାଧ୍ୟ କାରଣ ସେମାନେ ଆଲୋକିତ ଦଳର ନିର୍ଦ୍ଦେଶାନୁସାରେ ଏବଂ ସାକ୍ଷାତକାର ପଥ ପ୍ରଦର୍ଶକଙ୍କ ଦ୍ୱାରା ପ୍ରଭାବିତ ହେବେ । ମୁକ୍ତ–ସମାପ୍ତିକର ସାକ୍ଷାତ୍କାର ପ୍ରଶ୍ନାବଳୀ ଗୁଡ଼ିକ କାର୍ଯ୍ୟସାଧକ କାରଣ ଏଗୁଡ଼ିକ ଅଂଶଧାରୀମାନଙ୍କୁ ପ୍ରଚ଼ାର କାର୍ଯ୍ୟ ଆଲୋକପାତ କରିବା ପାଇଁ ଅନୁମତି ଦିଏ ଯାହାକି ସାକ୍ଷାତ୍କାର ମାନଙ୍କ ଦ୍ୱାରା ଗଣ୍ୟ କରାଯାଇ ନଥାଏ ।

ଏଲିଜାବେଥ୍ (ବେବେଟ୍), ଯୋଗାଯୋଗକାରୀ ପ୍ରବନ୍ଧକ ଏବଂ ଏର୍ୱିନ୍, ଜାତୀୟ ସହାୟକ ସହ–ଯୋଜନକାରୀ ସହିତ ଫିଲିପିନ୍ସର ଇଲୋଇଲୋ ସହରରେ ଥିବା ଷ୍ଟ୍ରିମ୍, (<streambfar-phil@skyinet.net>) ପଶ୍ଚିମ ଅଷ୍ଟ୍ରେଲିଆରେ ଥିବା ମେଲିନି <mfelsing@fish.wa.gov.au>

୧୪ କମ୍ପୋସସ୍ ଏକ ଲୋକ ଗୀତ ଯାହାକି ବ୍ୟକ୍ତି ଏବଂ ପରିବାରର ସଂଘର୍ଷ ଏବଂ ସଫଳତା ବିଷୟରେ ଗଣନା କରେ ।

# ଫିଲିପିନ୍ସର ରୋଜାସ୍ ସହରରେ ମତ୍ସ୍ୟଚାଷ ଆଇନ୍‌କୁ କାର୍ଯ୍ୟକାରୀ କରିବା ସହଯୋଗରେ ଏକ ଆଇ ଇ ସି କାର୍ଯ୍ୟଶାଳ ଗଠନ କରାଯାଇଥିଲା ।

ବେଲିନ୍ଡ଼ା ଏସ ଗାରିଡ଼ୋ ଏବଂ ଏଲିଜାବେଥ୍ ଏମ୍ ଗନ୍‌ଜାଲେସ୍

## ରୋଜାସ ସହର – ସେତେବେଳେ ଏବଂ ବର୍ତ୍ତମାନ୍

ରୋଜାସ୍ ସହର କାପିଜ୍ ପ୍ରଦେଶର ରାଜଧାନୀ ଅଟେ, ଏହା ପାନାୟ୍ ଦ୍ୱୀପର ଉତ୍ତର–ପୂର୍ବରେ ଏବଂ ଲୋଇଲା ସହର ଠାରୁ ପ୍ରାୟ୍ ୧୩୬ କି.ମି. ଦୂରରେ ଅବସ୍ଥିତ । ଏଠାରେ ଜଳକୃଷି ଏବଂ ସାମୁଦ୍ରିକ କୃଷି କାର୍ଯ୍ୟ ପାଇଁ ପ୍ରଶସ୍ତ ସ୍ଥାନ ରହିଛି । ଏହି ସହ ଫିଲିପିଇନ୍ସ ଜନସାଧାରଣଙ୍କ ଦ୍ୱାରା ବ୍ୟବହାର କରାଯାଏ ଏବଂ ସେମାନେ କଙ୍କଡ଼ା, ଚିଙ୍ଗୁଡ଼ି, ସମୁଦ୍ର ଚିଙ୍ଗୁଡ଼ି, ଗେଣ୍ଡା, ସବୁଜଗେଣ୍ଡା, ସ୍କାଲୋପ୍, କାପିସ୍ ଗେଣ୍ଡା ଭିନ୍ନ ଧରଣର ଏକ ମାଛର ମୁଖ୍ୟ ସରବରାହକ । ସେ ଯାହାବି ହେଉ, ଚଳିତବର୍ଷ ସଠାରେ ମତ୍ସ୍ୟ ପୋଖରୀ ସ୍ଥାନକୁ ବିସ୍ତାରିତ କରାଯାଇଛି, ପୌରପାଳିକ ଜଳରେ ମତ୍ସ୍ୟ ଚାଷ କାର୍ଯ୍ୟ କରାଯାଉଛି ଏବଂ ମତ୍ସ୍ୟ ଚାଷ ଗଠନକୁ ନଦୀ ଏବଂ ପୌରପାଳିକା ଜଳରେ ନିର୍ମାଣ କରାଯାଉଛି । ତେଣୁ ମତ୍ସ୍ୟଚାଷ ସଂପଦ ଗୁଡିକକମିଯାଉଛି ଏବଂ ପରିବେଶଗତ ସମସ୍ୟା ମଧ୍ୟ ଦେଖାଯାଉଛି । ଏବଂ ଏହା ଦ୍ୱାରା ମତ୍ସ୍ୟ ଉତ୍ପାଦନ ମଧ୍ୟ ଧିରେ ଧିରେ କମିବାରେ ଲାଗିଛି । ଏବେ ଜଳକୃଷି ଓ ସାମୁଦ୍ରିକ ମତ୍ସ୍ୟ ଚାଷ କାର୍ଯ୍ୟ ମଧ୍ୟ ବନ୍ଦ ହେବାକୁ ଆରମ୍ଭ ହେଲାଣି । ନିମ୍ନ–ଧରଣର କେଉଟ ମାନେ ପ୍ରଥମରେ ପ୍ରଭାବିତ ହେଉଛନ୍ତି କାରଣ ଏହି କ୍ଷତି ସହ୍ୟ ପାଇଁ ସେମାନଙ୍କ ପାଖରେ ପ୍ରଚୁର ପୁଞ୍ଜିର ଅଭାବ ରହିଛି । ମଧ୍ୟମରୁ ଅଧିକ ସଂଖ୍ୟକ କେଉଟମାନେ ପ୍ରାଧାନ୍ୟ ଲାଭ କରିଥିଲେ ଏବଂ ଅଳ୍ପ ପ୍ରଭାବଶାଳୀ ଦଳ ଏହି ସାମୁଦ୍ରିକ କୃଷି କାର୍ଯ୍ୟ ପାଇଁ ବିପରୀତମୁଖୀ ହୋଇଥିଲେ । ଏହି ଗଠନର ଅନିମନ୍ତ୍ରିତ ଐଶ୍ବର୍ଯ୍ୟଶାଳୀ ଗୁରବୁନିଆଦି ବ୍ୟକ୍ତି ମଧ୍ୟ କେନ୍ଦ୍ର ସରକାରର ଏକ ମୁଖ୍ୟ ସମସ୍ୟା ଥିଲେ ।

## ଏକ ମତ୍ସ୍ୟ ଚାଷ ଅଧ୍ୟାଦେଶ :–

ଏହି ପ୍ରଚାରକୁ ଆଧାର କରି ରୋଜାସ୍ ସହରର ସରକାର ମୁଖ୍ୟତଃ ସିଟି ଏଗ୍ରୀକଲ୍‌ଚର ସର୍ଭିସେସ୍ ଅଫିସ୍ (CASO) ଏକ ମତ୍ସ୍ୟଚାଷ ଅଧ୍ୟାଦେଶ ପ୍ରଣୟନ କଲେ ଯାହାକି ଏକ ଅଂଶ ଗ୍ରହଣ କରିବାର ଯୋଜନା ଦ୍ୱାରା କେଉଟ ମତ୍ସ୍ୟ ଜନସାଧାରଣ ଅନୁଷ୍ଠାନ ଏବଂ ଜଳକୃଷି ମତ୍ସ୍ୟଚାଷ ଏବଂ ସମ୍ବଳ ପରିଷଦ (FARMCs) ରୋଜାସ୍ ସହର୨୫ କାର୍‌ନ୍‌ଗେଜ୍[15] ଏଥିରେ ସଂପୃକ୍ତ ଥିଲେ । ଯଦିଓ ଏହି ଅଧ୍ୟାଦେଶ ଜାରି ହେବାର ଆଠ ମାସ ହୋଇଥିଲା ଡ଼ିସେମ୍ବର ୨୦୦୨ରେ ଉପକରଣର ଅଭାବ ଦେଖାଗଲା । CASO ଏହି ଅଧ୍ୟାଦେଶର ଜନସମର୍ଥନର ମହତ୍ୱକୁ ଦେଖିଲେ କିନ୍ତୁ ସେମାନେ ଏହା ଅନୁଭବ କରିଥିଲେ ଯେ କିପରି କେତେଗୁଡ଼ିଏ ସହାୟତା ମାନଙ୍କ ସାହାଯ୍ୟରେ ଏହା ମଧ୍ୟକୁ ଯାଇପାରିବେ । ଏକ ତତ୍ପରତା ସେମାନେ ମନସ୍ଥ କରି ସହର ସରକାରର କର୍ମଚାରୀମାନଙ୍କୁ ଏବଂ ଏଫ୍ ଏ ଆର ଏମ୍ ସି ଏସ୍ ସୂଚନା ପ୍ରସ୍ତୁତକାରୀ, ଶିକ୍ଷା ଏବଂ ସଂଯୋଜକ ସାଧନା (IEC)କୁ ପ୍ରଶିକ୍ଷଣ ଦେଇ ଏଥିରେ ସାମିଲ୍ କଲେ । ବେଲିନ୍‌ଡା ଗାରିଡ଼ୋ, CASO ମତ୍ସ୍ୟଚାଷ ଅଧିକାରୀ, ମତ୍ସ୍ୟ ଚାଷ ଏବଂ ଜଳକୃଷି ସମ୍ବଳ ବିଭାଗକୁ (BFAR) ରିଜନ୍ ୬ରେ ଏକ ପ୍ରସ୍ତାବ ଦେଲେ ଯେ ସେମିନାର୍ – କାର୍ଯ୍ୟଶାଳାର ପ୍ରସ୍ତୁତି ପାଇଁ IEC ସାଧନ ସହିତ ସାହାଯ୍ୟକାରୀ ମାନଙ୍କୁ ମଧ୍ୟ ଆବଶ୍ୟକ କରୁଛି ।




**ତିନି ଦିନିଆ ଶିକ୍ଷା ଅନୁଭୂତି ପରେ ଅଂଶ ଗ୍ରହଣକାରୀ ଏବଂ ଶିଷ୍ଟ ବ୍ୟକ୍ତି ମାନେ ।**

## ଏକ ସେମିନାର୍ କାର୍ଯ୍ୟଶାଳା –

ତିନିଦିନିଆ ସେମିନାର – କାର୍ଯ୍ୟଶାଳାର ଲକ୍ଷ୍ୟ ଥିଲା IEC ମୁଦ୍ରାଙ୍କନ ଏବଂ ବିସ୍ତାରିତ ବୈଦୁତିକ ପ୍ରଚାର ମାଧ୍ୟମ ଦ୍ୱାରା ଅଧ୍ୟାଦେଶକୁ ଲୋକପ୍ରିୟ କରିବା ପାଇଁ ପ୍ରସ୍ତୁତ କରିବା । ଅଗଷ୍ଟ ୨୦୦୩ର ସେମିନାର୍ କାର୍ଯ୍ୟଶାଳା ପାଇଁ ରେଜନ୍ III BFAR-FRMP[16]ର ମୁଖ୍ୟ ମତ୍ସ୍ୟ ଚାଷ ପରିଚାଳନା ସୂଚନା କେନ୍ଦ୍ର (FIMC)[17] ଏଗ୍‌ନେସ୍ ସୋଲିସ୍ BFAR 3 FRMP [18]ର, ଆଇ ଇ ସି ବିଭାଗ, ଜାନିସ୍ ଟ୍ରୋଙ୍କ, ବି ଏଫ୍ ଏ ଆର୍ ୬ ସୁଚନା ଅଧିକାରୀ ଏବଂ ଏର୍‌ୱିନ୍ ପେଡ଼ୋର୍, ଏବଂ ବେବେଟ୍ ଗୋନ୍‌ଜେଲେସ୍ ଷ୍ଟ୍ରୀମ ଫିଲିପାଇନସ ଏହି ଦଳ ଗୁଡ଼ିକୁ ସମ୍ମିଳିତ କରିଥିଲା ।

---

୧୫ ଏକ ଫିଲିପିଇନ୍ସ ପ୍ରଶାସନ ବିଭାଗ ଯାହାକି ଏକ ଗ୍ରାମ ସହ ପ୍ରାୟ୍ ସମାନାର୍ଥକ

୧୬ ମତ୍ସ୍ୟଚାଷ ସଂପଦ ଯୋଜନା, ଏକ ୪ବର୍ଷିଆ ଜାତୀୟ୍ ଏସିଆ ବ୍ୟାଙ୍କ ଯୋଜନା ଦାରିଦ୍ର ଦୂରୀକରଣ ପାଇଁ କାର୍ଯ୍ୟ କରୁଛି ଏକ ଉପକୂଳବର୍ତ୍ତୀ ସଂପଦ ପରିଚାଳନା ଦ୍ୱାରା (CRM)

୧୭ ଏଫ୍ ଆଇ ଏମ୍ ସି ଏଫ୍ ଆର୍ ଏମ୍ ପି ମଧ୍ୟରେ ସୃଷ୍ଟି କରାଯାଇଥିଲା ଫିଲିପିଇନ୍ସ୍ ମତ୍ସ୍ୟଚାଷ ସୂଚନା ପଦ୍ଧତି (philFIS)କୁ ଉନ୍ନୟନକୁ ସାହାଯ୍ୟ କରିବାପାଇଁ

୧୮ ମତ୍ସ୍ୟ ଚାଷ ସଂପଦ ପରିଚାଳନା ଯୋଜନା

୨୩ଟି କାର୍ଯ୍ୟଶାଳା ମଧ୍ୟରେ ଅଂଶଗ୍ରହଣକାରୀମାନେ ସାଧାରଣତଃ କୃଷି ଏବଂ ମତ୍ସ୍ୟଚାଷ ସଂପ୍ରସାରିତ ଅଧିକ୍ଷକ, ବହୁବିଦ୍ୟାତ୍ମକ ରାଜ୍ୟ ମହାବିଦ୍ୟାଳୟର ସଂପ୍ରସାରିତ କାର୍ଯ୍ୟର ମୁଖ୍ୟ, ସରକାରୀ ସମ୍ବାଦପତ୍ରର ବ୍ୟବସ୍ଥାପକ, ଏଫ୍ ଏ ଆର୍ ଏମ୍ ସିର ପ୍ରତିନିଧି ମାନେ ଏବଂ ପର୍ଯ୍ୟଟନ ବିଭାଗ କାର୍ଯ୍ୟାଳୟର ପ୍ରତିନିଧିମାନେ ଏବଂ ଯୋଜନା ଓ ଉନ୍ନୟନ କାର୍ଯ୍ୟାଳୟର ପ୍ରତିନିଧିମାନେ ଅଛନ୍ତି ।

ଆଇ ଇସି ଯୋଜନା ଏବଂ ଉତ୍ପାଦନ ପ୍ରଣାଳୀର ପରିଚୟ ଏବଂ ବର୍ତ୍ତମାନର ଆଇ ଇସି ଏପ୍ ଆର୍ ଏମ୍ ପିର କାର୍ଯ୍ୟ ଏବଂ ଷ୍ଟ୍ରିମ୍ ସ୍ୱେଛାକୃତଭାବେ ଅଂଶ ଗ୍ରହଣକାରୀମାନଙ୍କ ସହ ଅଂଶ ଗ୍ରହଣ କରିଥାନ୍ତି, ଏବଂ କେତେଗୁଡ଼ିଏ ସୂଚନା ପ୍ରବେଶ ପର୍ଯ୍ୟବେକ୍ଷଣ (IAS) ଠାରୁ ନିର୍ଣ୍ଣୟ ଅବଧାରଣ କରି ପଶ୍ଚିମ କାର୍ଯ୍ୟରେ ପରିଣତ କରିଥିଲେ (ରିଜନ୍ *୬*) (ଗୋନ୍‌ଜେଲେସ୍, ଫେଲ୍‌ସିଙ୍ଗ ଏବଂ ପେଡ୍ରୋରକ ଦ୍ୱାରା ଦିଆଯାଇଥିବା ପୂର୍ବ ପ୍ରବନ୍ଧକୁ ଦେଖନ୍ତୁ ) । ପଥ ପ୍ରଦର୍ଶକ ମୂଳନୀତିର ଏକ ବିସ୍ତାରିତ ଉପାଧ୍ୟ, ସୂଚନା ଏବଂ କଳାକୌଶଳ ଗୁଡ଼ିକ ବିଭିନ୍ନ ମୁଦ୍ରାଙ୍କନ ମାଧ୍ୟମର ପ୍ରତ୍ୟେକ କାର୍ଯ୍ୟଶାଳା ବିଭାଗରେ, ଅଗ୍ରବର୍ତ୍ତୀ ହୋଇଥିଲା । ଏବଂ ବୈଦୁତିକ ଦୁରସଂଆର ମାଧ୍ୟମ ଗୁଡ଼ିକ ମଧ୍ୟ ପରିଣତ କରାଗଲା । ପ୍ରତ୍ୟେକ ଉପସ୍ଥାପନ ପରେ, ଏକ ମଧ୍ୟ ସୁବିଧା ଥିଲା ଏବଂ ତାପରେ ପରିବର୍ତ୍ତନ ଗୁଡ଼ିକ ତିଆରି କରାଯାଉଥିଲା ।

କାର୍ଯ୍ୟଶାଳାର ସମାପ୍ତି ପରେ, ଦଳ ସେମାନଙ୍କର ସାମୁଦ୍ରିକ ଉଦ୍ୟାନ ପାଇଁ ତିନୋଟି ଘୋଷଣାପତ୍ର, ତିନୋଟି ଚିତ୍ର ଏବଂ ସେମାନଙ୍କର ସ୍ନାନ ସ୍ଥାନ ଓ ଶାମୁକା ମାଛ ସଂରକ୍ଷିତ ସ୍ଥାନ ପାଇଁ ମଧ୍ୟ ଏହା ପ୍ରସ୍ତୁତ ପାଇଁ ସକ୍ଷମ ଥିଲେ । ସେମାନେ ତିନୋଟି ୩୦ ଦ୍ୱିତୀୟ ସ୍ଥାନ ଘୋଷଣା ଏବଂ ତିନିଟି ଛୋଟ ନାଟକ ଦ୍ୱାରା ଏହି ଅଧ୍ୟାଦେଶର ମହତ୍ତ୍ୱ ସଂପର୍କରେ ପ୍ରଚାର କଲେ, ଏକ ସ୍ଲୋଗାନ୍ ଏବଂ ଏକ ଶବ୍ଦ ଯାହାକି ସେମାନେ ସେମାନଙ୍କର ଉପକୂଳବର୍ତ୍ତୀ ସମ୍ବଳ ପରିଚାଳନା ପ୍ରଚାର (CRM), ଏକ ନକ୍‌ସା, ବ୍ୟବହାର କଲେ ଏହି ଅଧ୍ୟାଦେଶ ବିଷୟରେ ଯେଉଁଥିରେ ସେମାନେ ଏକ ବିସ୍ତାରିତ ସରକାରୀ ଅଧିକ୍ଷକ, ସହପାଠୀ, ଏବଂ ସମ୍ବାଦ ବିଷୟବସ୍ତୁକୁ ବ୍ୟବହାର କରେ, ସେମାନେ ମଧ୍ୟ ଏକ ନୂତନ ମତ୍ସ୍ୟ ଚାଷ ଅଧ୍ୟାଦେଶର ପ୍ରଥମ ଶିକ୍ଷା ପୁସ୍ତକ ଉତ୍ପାଦନ କରିବା ପାଇଁ ଯୋଜନା କଲେ ।

**କିଛି କାହାଣୀ** :–

ଅନିୟମିତ କଥୋପକଥନ କାଳରେ, ବିରତି ସମୟରେ ଏବଂ ସମାପ୍ତି କାର୍ଯ୍ୟକ୍ରମ ସମୟରେ ଅଂଶ ଗ୍ରହଣକାରୀ ମାନେ ସେମାନଙ୍କର ଅନୁଭୂତିରୁ କିଛି ବିତରଣ କରିବାପାଇଁ ଉତ୍ସାହିତ ହୋଇଥିଲେ । ସେଥି ମଧ୍ୟରୁ ଦୁଇଟି ନିମ୍ନରେ ଦିଆଗଲା ସାଲ୍‌ଭଡ଼ର୍ ବାର୍‌ଟୋସିଲୋ,

ସହର ଯୋଜନା ଏବଂ ଉନ୍ନୟନ କାର୍ଯ୍ୟାଳୟ

ବୁଡ଼ି କହଲି ଯେ ସେ କାର୍ଯ୍ୟଶାଳାର ଏହି ବିଭାଗର ପରିଚାଳନା କରିଥିଲେ, କାରଣ ସେ ଆଶ୍ଚର୍ଯ୍ୟ ଭାବେ ଆବିଷ୍କାର କରିଥିଲେ ଯେ ସେ ଏବଂ ତାଙ୍କ ଦଳ କର୍ମୀ ମାନେ ଏହି ଆଇସି କାର୍ଯ୍ୟଶାଳାର ଉନ୍ନତି ନିମନ୍ତେ ସମ୍ମାନସୂଚକ ଦକ୍ଷତା ହାସଲ୍ କରିପାରିଛନ୍ତି । (ସମସ୍ତେ ଅନୁଧ୍ୟାନ କରିଥିଲେ ଯେ ବୁଡ଼ି ସାଧାରଣତଃ ଆଦର୍ଶ ସ୍ୱର ସ୍ୱଭାବର ଯାହାକି ସେ ବେତାର ଯନ୍ତ୍ର ସାହାଯ୍ୟରେ ଅଧ୍ୟାଦେଶ ପ୍ରଚାରି କରିପାରିବେ) । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସେ ଏହି ବୈଦୁତିକ ଯନ୍ତ୍ର ତାଙ୍କୁ ତାଙ୍କ କାର୍ଯ୍ୟ ଉପସ୍ଥାପନ ଏବଂ ସହରର ଯୋଜନା ଏବଂ ଉନ୍ନୟନ କାର୍ଯ୍ୟଶାଳା ନିର୍ମାଣରେ ସାହାଯ୍ୟ କରିପାରିବ । ସେ ମଧ୍ୟ ଏହା ଅନୁତାପ କଲେ ଯେ ବିଗତ ସଭା ଗୁଡ଼ିକ ସେ ଯୋଗଦାନ କରିଥିଲେ, ଏବଂ ଏହି କାର୍ଯ୍ୟଶାଳାର ସାଧାରଣ ପରିବେଶ ଅଂଶଗ୍ରହଣକାରୀ ଏବଂ ସମ୍ବଳଗତ ବ୍ୟକ୍ତି ମାନଙ୍କୁ ତତ୍ପର ଏବଂ ଦୃଢ଼ ଅଂଶ ଗ୍ରହଣ ପାଇଁ ଉତ୍ସାହିତ କରିଥିଲା । ଏହା ବାହ୍ୟ ବିଷୟ ହାସଲ କରିବା ପାଇଁ ପ୍ରତିଫଳିତ କରିଥିଲା । ସେ ଆଶା କଲେ ଏହି କାର୍ଯ୍ୟଶାଳା ପରି ଆଉ ତିନୋଟି କାର୍ଯ୍ୟଶାଳା ହେବା ଉଚିତ୍ ।

**ବେଲିନ୍‌ଡା ଗାରିଡ଼ୋ, ସହର କୃଷି କାର୍ଯ୍ୟ ଅଫିସ୍**

ବେଲ୍‌ସ ଯେଉଁ ସଂଘର୍ଷ କରିଥିଲେ ତାହା ଭାଗ କରିବାକୁ ଚାହୁଁଥିଲେ । ରୋଜାସ୍ ସହରରେ କଳାକୌଶଳ କାର୍ଯ୍ୟଦଳ ଏବଂ ଏଫ୍ ଏ ଆର୍ ଏମ୍ ସି ସଦସ୍ୟ ମାନଙ୍କର ଅନୁକୂଳ ପ୍ରବେଶର ଉପାୟକୁ ଗ୍ରହଣ କରିବାର ଅନୁଭୂତି ଥିଲା । ମତ୍ସ୍ୟ ଅଧ୍ୟାଦେଶ ସେହି କଠିନ କାର୍ଯ୍ୟର ଏକ ବୃହତ ଫଳ ଥିଲା । ସେ ଯାହା ବି ହେଉ ସେ ସ୍ୱୀକାର କଲେ ଯେ ଅଧ୍ୟାଦେଶର ଏହି ପଥ ଏକମାତ୍ର ପ୍ରାଥମିକ ସୋପାନ୍ । ଏକ ଅପରିମିତ କାର୍ଯ୍ୟ ହେଲା କିପରି ଏହାକୁ କର୍ମ ସାଧନ ଏବଂ ଜନପ୍ରିୟ କରିହେବ ଏବଂ ସେ ନିଜେ ମଧ୍ୟ ଆଇ ଇର୍ସରେ ବ୍ୟକ୍ତିଗତ ଭାବେ ତାଲିମ୍ ପ୍ରାପ୍ତ ନୁହଁନ୍ତି । ତେଣୁ ସେ ଅନୁଭବ କଲେ ଯେ ସଭାଟି ସମୟାନୁସାରେ ହେବା ଉଚିତ୍, ସେ ବର୍ତ୍ତମାନ୍ ମଧ୍ୟ ଆଇ ଇସି ଉପକରଣ କାର୍ଯ୍ୟଶାଳା ଠାରୁ ବ୍ୟବହାର କରିପାରିଥିଲେ ଏବଂ ପ୍ରଶଂସାଯୋଗ୍ୟ ହୋଇପାରିଥିଲେ । ବେଲ୍‌ସ, ଖୁସି ମଧ୍ୟ ହୁଅନ୍ତି ଯେ ସେ ଏବଂ ତାଙ୍କର ସହକର୍ମୀମାନେ କାର୍ଯ୍ୟଶାଳାରୁ ଶିକ୍ଷାପ୍ରାପ୍ତ ହୋଇଥିଲେ ଏବଂ ସେହି ସମୟ ବେଗ ଯାହାକି ସେହି ନିଯୁକ୍ତି ସମୟ ସୃଷ୍ଟି କରିଥିଲା । ସେ ସେମାନଙ୍କୁ ସେହି ଆଇ ଇସି ଯୋଜନା ଏବଂ ଉପକରଣ ଉନ୍ନତିରେ ସହଯୋଗ କରିବା ପାଇଁ ଉତ୍ସାହିତ କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ପଥପ୍ରଦର୍ଶକ ମୂଳନୀତି ବିଷୟରେ ଶିକ୍ଷା, ଏବଂ ଅନୁକୂଳ ଭାବେ, ତାଙ୍କର ଏବଂ ତାଙ୍କ ସହକର୍ମୀ ମାନଙ୍କୁ ସଭା ସମିତି ପରିଚାଳନାରେ ଉନ୍ନତି ଆଣିପାରିବ ଯାହାକି ସେମାନଙ୍କର ପ୍ରସାରିତ କାର୍ଯ୍ୟ ନିମନ୍ତେ ଅତ୍ୟନ୍ତ ଜରୁରୀ ।

ବେଲିନ୍‌ଡା ଏମ୍ ଗାରିଡ଼ୋ ଆଇ ଇସିର ଜଣେ ମତ୍ସ୍ୟଚାଷ ଅଧିକାରୀ ସିଟି ଏଗ୍ରୀକଲ୍‌ଚର୍ ସର୍ଭିସେସ୍ ଅଫିସ୍, ରୋଜାସ୍ ସିଟି, କାପିଜ୍ । ତାଙ୍କ ସହିତ ଏହା ଦ୍ୱାରା ଯୋଗାଯୋଗ କରିପାରିବେ । <belrengar@yahoo.com> । ଏଲିଜାବେଥ୍ ଏମ୍ ଗୋନ୍‌ଜେଲେସ୍ ଷ୍ଟ୍ରୀମ ଫିଲିପିଇନ୍‌ସ୍ କମ୍ୟୁନିକେସନ୍‌ସ ହବ୍ ମ୍ୟାନେଜର୍ । ଏହାଦ୍ୱାରା ତାଙ୍କୁ ସଂପର୍କ କରାଯାଇପାରେ । at <streambfar-phil@skyinet.net>.

# ଷ୍ଟ୍ରିମ୍ ସଂବାଦପତ୍ର ସଂପର୍କରେ

ଷ୍ଟ୍ରିମ **ଦ୍ୱାରା ପ୍ରକାଶିତ –** ଆଞ୍ଚଳିକ ଜଳକୃଷି ସଂପଦର ପରିଚ଼ାଳନାକୁ ସହାୟତା
ନେଟ୍ ୱାର୍କ ଅଫ୍ ଆକ୍ୱାକଲ୍ଚର୍ ସେଣ୍ଟରସ୍ ଇନ୍ ଏସିଆ – ପାଶିଫିକ୍ (ଏନ୍ ଏ ସି ଏ) ସେକ୍ରେଟେରିଏଟ
ସୁରାସ୍ୱାଦି ବିଲ୍ଡିଙ୍ଗ୍
ଡ଼ିପାର୍ଟମେଣ୍ଟ ଅଫ୍ ଫିସେରିଜ୍ କମ୍ପାଉଣ୍ଡ ।
କାସେଟ୍ସାର୍ଟ ୟୁନିଭର୍ସିଟି କ୍ୟାମ୍ପସ୍
ଲେଡ଼ିଆଓ, ଜାଟୁଜକ୍, ବ୍ୟାଙ୍କକକ୍ ୧୦୯୦୩
ଥାଇଲାଣ୍ଡ

ସଂପାଦକୀୟ ପ୍ରବନ୍ଧ ଦଳ

କାଥ୍ କୋପ୍ଲେ, ଷ୍ଟ୍ରିମ କମ୍ୟୁନିକେସନ୍ସ ସ୍ପେଶାଲିଷ୍ଟ
ଗ୍ରାହାମ୍ ହେଲର୍, ଷ୍ଟ୍ରିମ ନିର୍ଦ୍ଦେଶକ
ଲି ଥାନ୍ହ ଲୁ, ଷ୍ଟ୍ରିମ୍ ଭିଏତ୍ନାମ୍ ନ୍ୟାସ୍ନାଲ ସହ–ଯୋଜନକାରୀ
ଉଇଲିୟମ୍ ସାଭେଜ୍, ଷ୍ଟ୍ରିମ୍ ଯୋଗାଯୋଗ ବିଶେଷଜ୍ଞ
ସୋନିଆ ସେଭିଲି, ଷ୍ଟ୍ରିମ ଫିଲିପାଇନ୍ସ ନ୍ୟାସ୍ନାଲ ସହ–ଯୋଜନକାରୀ
ଥାଇ ସୋମନି, ଷ୍ଟ୍ରିମ କାମ୍ବୋଡ଼ିଆ ନ୍ୟାସ୍ନାଲ୍ ସହ–ଯୋଜନକାରୀ

**ଉଦ୍ଦେଶ୍ୟ –**

ଷ୍ଟ୍ରିମ ସମ୍ବାଦପତ୍ରର ଚ଼ତୁର୍ଥାଂଶ ଅଂଶ ଗ୍ରହଣକୁ ସଂଯୋଗ ସ୍ଥାପନ, ଏବଂ ନିୟମ ଯାହାକି ଏସିଆ – ପ୍ୟାସିଫିକ୍‌ରେ ଥିବା ଦରିଦ୍ର ଜଳକୃଷି ସଂପଦର ଜୀବନ ଧାରଣକୁ ବ୍ୟବହାର କରନ୍ତି ସେମାନଙ୍କୁ ସାହାଯ୍ୟ ଏବଂ ଅଞ୍ଚଳ ମଧ୍ୟରେ ଥିବା ଜଳକୃଷି ସଂପଦର ପରିଚ଼ାଳନା ଏବଂ ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟରେ ଥିବା ସଂପର୍କକୁ ଗଢ଼ି ତୋଳିବା କାର୍ଯ୍ୟକୁ ପ୍ରକାଶିତ କଲା । ଷ୍ଟ୍ରିମ ସମ୍ବାଦପତ୍ର ଏହି ପ୍ରଚ଼ାରକୁ ଲୁଚ଼ାଇ ରଖିଥିଲା ଯେଉଁଥିରେ କି ଲୋକମାନଙ୍କର ଜୀବନଶୈଳୀ ଜଳକୃଷି ପରିଚ଼ାଳନା ସହ ସଂପୃକ୍ତ ଥିଲା, ଏବଂ ସରକାର, ଅଣ–ସରକାର ଏବଂ ଆନ୍ତର୍ଜାତିକ–ବ୍ୟବହାରକାରୀ ଯେଉଁମାନେ ସଂପ୍ରଦାୟ ସଙ୍ଗେ ମିଶି କାର୍ଯ୍ୟ କରନ୍ତି । ଏହି ପ୍ରଚ଼ାର ମଧ୍ୟ ଶିକ୍ଷା, ଦ୍ୱନ୍ଦ ମୂଳକ ପରିଚ଼ାଳନା, ସୂଚ଼ନା ଏବଂ ସଂପର୍କ ସ୍ଥାପନକାରୀ କଳାକୌଶଳ ସହ ସଂପୃକ୍ତ, ଜଳକୃଷି ସଂପଦର ପରିଚ଼ାଳନା, ବ୍ୟବସ୍ଥାପନା, ଜୀବନନିର୍ବାହନ, ମହିଳା, ଅଂଶଗ୍ରହଣ, ଅଂଶଧିକାରୀ, ନୀତିନିୟମ ଏବଂ ସଂଯୋଗ ସହ ସଂପୃକ୍ତ ।

ଷ୍ଟ୍ରିମର ଅନ୍ୟ ଏକ ସମ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ଏକ ବ୍ୟବସାୟିକ ପ୍ରତିଷ୍ଠାନ ବାସ୍ତବରେ ଏକ ଶିକ୍ଷାନୁଷ୍ଠାନକୁ ସ୍ୱାଧୀନ ଭାବେ ପ୍ରତିନିଧିତ୍ୱ କରିବାର ସୁଯୋଗକୁ ଆୟୋଜନ କରିବା ।

ଷ୍ଟ୍ରିମ ସମ୍ବାଦପତ୍ରର ସୂଚ଼ୀପତ୍ର କେବଳ ନିର୍ଦ୍ଦିଷ୍ଟ ଅନୁଷ୍ଠାନ ବା ସଂସ୍ଥାର ମତାମତକୁ ପ୍ରତିଫଳ କରିବା ନୁହଁ ବରଂ ଏହା ଲୋକମାନଙ୍କର ନିଜର ପାରଦର୍ଶିତା ଉପରେ ମଧ୍ୟ ପର୍ଯ୍ୟବେସିତ । ଯେତେବେଳେ ଲେଖକମାନେ ସେମାନଙ୍କର ପ୍ରବନ୍ଧ ଉପରେ ଗୁରୁତ୍ୱ ଦିଅନ୍ତି, ସେତେବେଳେ ଷ୍ଟ୍ରିମ ଯେକୌଣସି ସଂପାଦକୀୟ ପକ୍ଷପାତ ଏବଂ ପ୍ରବାଦର ଦାୟୀତ୍ୱକୁ ଗ୍ରହଣ କରିଥାଏ ।

**ବଣ୍ଟନ –**

ଷ୍ଟ୍ରିମ୍ ସଂବାଦପତ୍ର ତିନୋଟି ନିର୍ଦ୍ଦିଷ୍ଟ ପୁସ୍ତକର ଏକତ୍ର ମୁଦ୍ରଣୀୟ ଅଂଶ ଉପରେ ପର୍ଯ୍ୟବେସିତ ।

* ଏକ ବୈଦୁତିକ ପିଡ଼ିଏଫ୍ ବ୍ୟାଖ୍ୟା ଯାହାକି ଷ୍ଟ୍ରିମ୍ କମ୍ୟୁନିକେସନ୍ ହବ୍ ଦ୍ୱାରା ପ୍ରତ୍ୟେକ ଦେଶରେ ପ୍ରକାଶିତ ଏବଂ ବଣ୍ଟନ କରାଯାଇଛି ।
* ଷ୍ଟ୍ରିମ୍ ୱେବସାଇଟରୁ ମିଳିବ : www.streaminitiative.org
* ଏକ ଲିଖିତ ବ୍ୟାଖ୍ୟା ଯାହାକି ନାକା ସେକ୍ରେଟେରୀଏଟ୍ ଦ୍ୱାରା ବଣ୍ଟନ କରାଯାଇଛି ।

**ଯୋଗଦାନ** :–

ଷ୍ଟ୍ରିମ ସଂବାଦପତ୍ର ଜଳକୃଷି ସଂପଦର ବ୍ୟବହାରୀ ମାନଙ୍କର ଉତ୍ସାହର ପ୍ରବନ୍ଧ ଏବଂ ଯେଉଁମାନେ ସେମାନଙ୍କ ସହିତ କାମ କରନ୍ତି ସେମାନଙ୍କୁ ଉତ୍ସାହିତ କରନ୍ତି । ଷ୍ଟ୍ରିମ ସଂବାଦପତ୍ର ମଧ୍ୟ ସଂପ୍ରଦାୟ–ସ୍ତରର ସହଯୋଗି ମାନଙ୍କର ନିଜର ଅନୁଭୂତିକୁ ମଧ୍ୟ ଏହି ପୃଷ୍ଠାରେ ଉଲ୍ଲେଖ କରିବାରେ ସାହାଯ୍ୟ କରେ ।

ପ୍ରବନ୍ଧ ଗୁଡ଼ିକ ସାଧାରଣତଃ ସରଳ ଇଂରାଜୀ ଭାଷାରେ ଲିଖିତ ଏବଂ ଏଥିରେ, ୧,୦୦୦ରୁ ଅଧିକ ଶବ୍ଦ ନଥାଏ ।
ଏହି ଯୋଗଦାନ ଉଇଲିୟମ୍ ସେଭେଜ୍‌ଙ୍କ ଦ୍ୱାରା ତିଆରି କରାଯାଇଛି ।

ଷ୍ଟ୍ରିମ ଜର୍ନାଲ୍ ଏଡ଼ିଟର୍ at<savage@loxinfo.co.th>
ଅଧିକ ସୂଚ଼ନା ପାଇଁ ଯୋଗାଯୋଗ କରନ୍ତୁ ଗ୍ରାହାମ୍ ହେଲର୍, ଷ୍ଟ୍ରିମ ଡ଼ାଇରେକ୍ଟର୍ at<ghaylor@loxinfo.co.th>

# ଷ୍ଟ୍ରିମ୍ ସଂପର୍କରେ

ସପୋର୍ଟ ଟୁ ରିଜିଓନାଲ୍ ଏକ୍ୱାଟିକ୍ ରିସୋର୍ସେସ୍ ମ୍ୟାନେଜ୍‌ମେଣ୍ଟ୍ (ଷ୍ଟ୍ରୀମ୍) ନେଟ୍‌ୱାର୍କ ଅଫ୍ ଏକ୍ୱାକଲ୍‌ଚର୍ ସେଣ୍ଟର୍‌ସ ଇନ୍ ଏସିଆ ପ୍ୟାସିପିକ୍ (ନାକା) ର ପାଞ୍ଚ ବର୍ଷିଆ କାର୍ଯ୍ୟକ୍ରମ ସହ ସ୍ୱେଚ୍ଛାକୃତ ଭାବେ ଜଡ଼ିତ । ଏହାର ଲକ୍ଷ୍ୟ ହେଉଛି ସଂସ୍ଥା ଏବଂ ଅନୁଷ୍ଠାନକୁ ସାହାଯ୍ୟ କରିବା ।

* ସ୍ଥିତି ଅବସ୍ଥାକୁ ବ୍ୟବହାର କରିବା ଏବଂ ପ୍ରସାରଣକୁ ସଫଳ ଭାବେ ଆଗେଇନେବା ।
* ଦରିଦ୍ର ଲୋକମାନଙ୍କର ଜୀବନନିର୍ବାହନକୁ ଭଲ ଭାବେ ବୁଝିବା
* ଦରିଦ୍ର ଲୋକମାନଙ୍କୁ ବିଭିନ୍ନ ନିତି ଏବଂ ଧାରା ଗୁଡିକ ଯାହାକି ତାଙ୍କ ଜୀବନ ଧାରଣ ଉପରେ ପ୍ରଭାବ ପକାଏ ସେଗୁଡ଼ିକ ବିଷୟରେ ସକ୍ଷମ କରାଇବା ।

ଷ୍ଟ୍ରୀମ ଏହି କାର୍ଯ୍ୟ ନିୟମ ଗୁଡ଼ିକର ଉନ୍ନତିକୁ ସାହାଯ୍ୟ କରିବା ଦ୍ୱାରା ଏବଂ ଧ୍ୟାନ କରିବାର ଧାରା ଗୁଡ଼ିକର ଅନୁଷ୍ଠାନ ଏବଂ କ୍ଷମତା ବୃଦ୍ଧିକରଣ ଦ୍ୱାରା କରିପାରିବ ।

* ଦରିଦ୍ର ଲୋକମାନଙ୍କର ଉପରେ ପ୍ରଭାବ ପକାଉଥିବା ଜଳ କୃଷି ସଂପଦ ପରିଚ଼ାଳନା ପ୍ରଚ଼ାରକୁ ଚ଼ିହ୍ନଟ କରିବା ।
* ବିଭିନ୍ନ ପରିଚ଼ାଳନା ପ୍ରବେଶ ଉପାୟର ନେତୃତ୍ୱ ନେବା ଏବଂ ମୁଲ୍ୟ ନିରୁପଣ କରିବା ।
* ସୂଚ଼ନାକୁ ପ୍ରସାରିତ କରିବା ଏବଂ
* ଦେଶ ଏବଂ ବିଭାଗ ଗୁଡ଼ିକ ମଧ୍ୟରେ ସଂମ୍ପର୍କ ସ୍ଥାପନ ।

ଷ୍ଟ୍ରୀମ ସ୍ୱେଚ୍ଛାପୂର୍ବକ ଅଂଶିଦାର, ଉପରେ ପର୍ଯ୍ୟବେସିତ ଯେଉଁ ମାନେ କି ନାକାକୁ ସାହାଯ୍ୟ କରୁଛନ୍ତି । ଏହା ଏକ ପ୍ରବେଶର ଉପାୟ ଅନ୍ତର୍ଗତକୁ ଗ୍ରହଣ କରିସାରିଛି ।

ଅଂଶୀଦାରୀ କାର୍ଯ୍ୟ ଜାତୀୟ ସହ ସଂମ୍ପର୍କ ସ୍ଥାପନକାରୀ (ଜଣେ ବରିଷ୍ଟ ସହଯୋଗୀ ସରକାରଙ୍କ ସହିତ) ଏବଂ ଜଣେ ସଂଯୋଗ ସ୍ଥାପନକାରୀ କେନ୍ଦ୍ର ପରିଚ଼ାଳକ (ପୂର୍ଣ୍ଣ–ସମୟ ନିୟୋଜିତ ଜଣେ ଜାତୀୟ ସହଯୋଗୀ ଷ୍ଟ୍ରୀମ ଦ୍ୱାରା ପ୍ରଥମ ଦୁଇ ବର୍ଷ ସାହାଯ୍ୟ କରିଥିଲେ ) ଏବଂ ଜାତୀୟ ଅଂଶାଧିକାରୀ ମାନଙ୍କର ଏକ ସଂମ୍ପର୍କ ସ୍ଥାପନକାରୀ ସୀମା ଦ୍ୱାରା ପ୍ରତ୍ୟେକ ରାଜ୍ୟରେ ସହସମ୍ବନ୍ଧିତ ଭାବେ କାର୍ଯ୍ୟ କରେ । ସଂଯୋଗ ସ୍ଥାପନକାରୀ କେନ୍ଦ୍ର କଠିନ ଧାତୁଦ୍ରବ୍ୟ, ନମନୀୟ ଧାତୁ ଦ୍ରବ୍ୟ, ତାଲିମ୍, ସୂଚ଼ନା କୌଶଳ ସାହାଯ୍ୟ, ଏବଂ ସମ୍ପର୍କ ଏବଂ ମାନବିକ ସମ୍ବଳର ସହଯୋଗ ଏବଂ ଜାତୀୟ ଅଂଶାଧିକାରୀ ମାନଙ୍କ ସହ ଆଞ୍ଚଳିକ ସଂମ୍ପର୍କ ସହ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା ।

ଜାତୀୟ ସହ ସମ୍ବନ୍ଧ ବାର୍ଷିକ ସମୀକ୍ଷା ହେଉଥିବା କଣ୍ଟ୍ରି ଷ୍ଟ୍ରାଟେଜୀ ପେପର୍ (ସି ଏସ୍ ପି) ଦ୍ୱାରା ପ୍ରଥ ପ୍ରଦର୍ଶିତ ହୋଇଥିଲା ଯାହାକି ଅଂଶୀଦାର ମାନଙ୍କ ସହାୟତାରେ ସହ ସମ୍ବନ୍ଧକାରୀ ଏବଂ କେନ୍ଦ୍ର ପରିଚ଼ାଳକଙ୍କ ଦ୍ୱାରା ଅଙ୍କିତ, ଯେଉଁମାନଙ୍କ ଦ୍ୱାରା ସେମାନେ ଧାରାବାହିକ ଭାବେ ସଂପର୍କ ସ୍ଥାପନ କରିପାରନ୍ତି ।

ସି ଏସ୍ ପି ମୁଖ୍ୟ ପ୍ରଚ଼ାର, ଆଞ୍ଚଳିକ ସଂପର୍କ ଗୁଡ଼ିକୁ ପ୍ରତିଫଳନ, ମୁଖ୍ୟ କାର୍ଯ୍ୟଗୁଡ଼ିକର ପ୍ରସ୍ତାବ ସମୁହ ଏବଂ ଷ୍ଟ୍ରୀମ୍ ଦ୍ୱାରା ଏବଂ ଅନ୍ୟ ଉପାୟରୁ ଗ୍ରହଣ କରିଥିବା ପୂଞ୍ଜିକୁ (ଷ୍ଟ୍ରୀମର ସହଯୋଗରେ) ଚ଼ିହ୍ନଟ କରେ ।

ଷ୍ଟ୍ରୀମର ଆଞ୍ଚଳିକ କାର୍ଯ୍ୟାଳୟ (ବ୍ୟାଙ୍କକକ୍‌ରେ ଥିବା ନାକା ସେକ୍ରେଟେରୀଏଟ୍‌ରେ) ସେଚ୍ଛାପୂର୍ବକ ଭାବେ ଆଞ୍ଚଳିକ ସହସଂଯୋଗ କାର୍ଯ୍ୟ ସମେତ, ପୁଞ୍ଜି ଏବଂ ଦ୍ୱନ୍ଦ ମୂଳକ କାର୍ଯ୍ୟର ପରିଚ଼ାଳନା କରେ ଯାହାକି ଜୀବିକା ନିର୍ବାହନ, ଅନୁଷ୍ଠାନ, ନିତି ଉନ୍ନୟନ ଏବଂ ସଂଯୋଗ ହେଉଛି ଷ୍ଟ୍ରିମ୍‌ର ଚ଼ାରୋଟି ସମାପ୍ତ ସାରାଂଶ ଉପରେ ପର୍ଯ୍ୟବେସିତ ।

ଷ୍ଟ୍ରୀମର ସ୍ଥାପନା ଏକ ପୁନରୁକ୍ତି ପ୍ରକ୍ରିୟା, ବର୍ତ୍ତମାନ ସ୍ୱେଚ୍ଛା ପୂର୍ବକ କାମ୍ବୋଡ଼ିଆ, ଭାରତ, ଇଣ୍ଡୋନେସିଆ, ଲାଓ ପିଡ଼ିଆର, ମିଆମାର୍ ନେପାଳ, ଭିଏତ୍‌ନାମ୍, ଫିଲିପାଇନ୍‌ସ, ଭିଏତ୍‌ନାମ ଏବଂ ୟୁନାନ୍ ଚ଼ାଇନା ଏସିଆ–ପ୍ୟାସିଫିକ୍ ମଧ୍ୟରେ ବିସ୍ତାରିତ ଭାବେ କାର୍ଯ୍ୟ କରୁଛି । ଯେଉଁ ଠାରେ ଦାରିଦ୍ରକୁ ସମ୍ଭାଳିଥାଏ ଏବଂ ଉତ୍ତମ ପରିଚ଼ାଳନାକୁ ସାହାଯ୍ୟ କରିଥାଏ ଯେଉଁଠାରେ ଅନୁଭୂତି ଲାଭ କରାଯାଏ । ଶିକ୍ଷା ଗ୍ରହଣ କରିବାକୁ ପଡ଼େ, ବଳକା ପୁଞ୍ଜି ସୁରକ୍ଷିତ ରହେ । ଷ୍ଟ୍ରୀମର ଯୋଗାଯୋଗ କୌଶଳର ଲକ୍ଷ୍ୟ ହେଉଛି ସଂପ୍ରଦାୟର ଜ୍ଞାନକୌଶଳକୁ ବୃଦ୍ଧି କରି ସେହି କାର୍ଯ୍ୟର ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି ଏବଂ ସେହି କାର୍ଯ୍ୟରୁ ସେମାନେ ଯାହା ଶିକ୍ଷା ଗ୍ରହଣକରୁଛନ୍ତି ତାହାକୁ ସମଗ୍ର ଏସିଆ–ପ୍ୟାସିଫିକ୍‌ରେ ବିସ୍ତାରିତ ଭାବେ ପ୍ରଚ଼ାର କରୁଛନ୍ତି । ଷ୍ଟ୍ରୀମ୍ ସମ୍ବାଦପତ୍ର ଏବଂ ଷ୍ଟ୍ରୀମ ୱେବସାଇଟ୍ ହେଉଛନ୍ତି ଏହି ସମର କୌଶଳ ଦୁଇଟି ଅଂଶ ।
ଷ୍ଟ୍ରୀମ କମ୍ୟୁନିକେସନ୍ ହବ୍ ମ୍ୟାନେଜର

| | | |
|---|---|---|
| କାମ୍ବୋଡ଼ିଆ | ସେମ୍ ଭିର୍‌ୟାକ୍ | <cfdo@camnet.com.kh> |
| ଇଣ୍ଡିଆ | ରୁବୁ ମୁଖାର୍ଜୀ | <rubumukherjee@redifmail.com> |
| ଇଣ୍ଡୋନେସିଆ | ଆନିଜା ସୁସ୍ମିତା | <indostream@perikanan-budidaya.go.id> |
| ମିୟାମାର୍ | ଖୀନ୍ ମାଉଙ୍ଗ ସୋଇ | <DOF@mptmail.net.com> |
| ନେପାଲ୍ | ନୀଳକଣ୍ଠ ପୋଖ୍‌ରେଲ୍ | <agroinfo@wlink.com.np> |
| ଫିଲିପାଇନ୍‌ସ | ଏଲିଜାବେଥ୍ କୋନ୍‌ଜେଲେସ୍ | <streambfar-phil@skyinet.net> |
| ଭିଏତ୍‌ନାମ୍ | ଏନ୍‌ଗୁୟେନ୍ ସଙ୍ଗ୍ ହା | <streamsapa@vietel.com.vn> |
| ୟୁନାନ୍, ଚ଼ାଇନା | ସୁସାନ୍ ଲି | YNYYCN@KM169.net,blueseven@mail.china.com> |